ଧରିତ୍ରୀ
DHARITRI

May 26-June 1, 2019 ₹2/-

ଛୁଟିଦିନ





# ବାତ୍ୟା ବୃତ୍ତାନ୍ତ

୩ ପ୍ରଚ୍ଛଦ ପ୍ରସଙ୍ଗ

ବାତ୍ୟା ଆସେ, ଚାଲିଯାଏ। ହେଲେ ବାତ୍ୟାକୁ ସାମ୍ନା କରିଥିବା ମଣିଷର ବିପର୍ଯ୍ୟୟର ସୀମା ନ ଥାଏ। ତେବେ ବାତ୍ୟାର ପୂର୍ବାନୁମାନ ହେଇପାରିଲେ ଅନେକ କ୍ଷୟକ୍ଷତିକୁ ରୋକି ଦେଇ ହେବ। ତେବେ କେମିତି ହୁଏ ବାତ୍ୟାର ପୂର୍ବାନୁମାନ, କେମିତି ଥାଏ ବାତ୍ୟା ପରର ପରିବେଶ ଓ କେମିତି ସାମ୍ନା କରିବାକୁ ହୁଏ ତା’ ପରର ସ୍ଥିତି....



୧୩ ସହରଠୁ ଦୂର



ସିନେମା ୮/୯

# ସମ୍ପର୍କ ହେବ ସୁଦୃଢ



**କିଭଳି ଭାବେ ଆପଣ ବନ୍ଧୁତ୍ୱ ସମ୍ପର୍କକୁ ସୁଦୃଢ ରଖିପାରିବେ ସେ ସମ୍ପର୍କରେ....**

* ବନ୍ଧୁଙ୍କ ନିକଟରେ ସବୁବେଳେ ସଚ୍ଚୋଟ ରୁହନ୍ତୁ। କଦାପି ବିଶ୍ୱାସଘାତକତା କରନ୍ତୁ ନାହିଁ।
* ଆପଣଙ୍କ ଚରିତ୍ର ଯେମିତି ବନ୍ଧୁଙ୍କ ସାମ୍ନାରେ ସେପରି ନିଜକୁ ପ୍ରେଜେଣ୍ଟ କରନ୍ତୁ। ନିଜ ବିଷୟରେ କଦାପି ବଢେଇ ଚଢେଇ କୁହନ୍ତୁ ନାହିଁ।
* ବନ୍ଧୁଙ୍କ ଉପରେ ଭରସା ରଖନ୍ତୁ ଏବଂ ତାଙ୍କୁ ମଧ୍ୟ ଜଣାନ୍ତୁ ଯେ ଆପଣ ବି ଭରସାର ଯୋଗ୍ୟ।
* ବନ୍ଧୁଙ୍କ ସହ ନିଜର ଛୋଟ ବଡ ସମସ୍ତ ସୁଖ ଦୁଃଖ ଶେୟାର କରନ୍ତୁ।
* ବନ୍ଧୁତାକୁ ନେଇ କୌଣସି ଅଭିଯୋଗ କରନ୍ତୁ ନାହିଁ।
* ବନ୍ଧୁ ଯଦି ଦୂରରେ ରହୁଥାନ୍ତି ତେବେ ନିୟମିତ ବ୍ୟବଧାନରେ ଫୋନ ଯୋଗେ କଥା ହେବାକୁ ଯେପରି ନ ଭୁଲନ୍ତି।
* ପ୍ରତ୍ୟେକ ଦିନ ସୋଶିଆଲ ସାଇଟ୍ ମାଧ୍ୟମରେ କିଛି ପ୍ରେରଣାଦାୟକ ମେସେଜ୍ ପଠେଇ ପାରିବେ।
* ଯଦି କେବେ ଭୁଲ୍‌ବୁଝାମଣା ହେତୁ ମନାନ୍ତର ଦେଖାଯାଏ ତେବେ ନିଜଆଡୁ ଭୁଲ୍ ମାଗିନିଅନ୍ତୁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୨୬-ଜୁନ୍ ୧

**ମେଷ**
ପାରିବାରିକ ଶାନ୍ତି, ଚେଷ୍ଟା ସଫଳ, ପ୍ରିୟବନ୍ଧୁଙ୍କ ସହଯୋଗ, ନୂତନ ଯୋଜନାରମ୍ଭ, ଆତ୍ମୀୟଙ୍କ ବିରୋଧ, ମାନସିକ ଆଘାତ, ବିବାଦଗ୍ରସ୍ତ ହେବେ, ଜନ ସମର୍ଥନ ଲାଭ, ଭ୍ରମଣ ସୁଖ, ସଙ୍ଗୀତରୁ ପ୍ରଶଂସା, ପୂର୍ବ ବିବାଦର ସମାଧାନ।

**ବୃଷ**
କର୍ମ ପରିସର ବୃଦ୍ଧି, କ୍ଲାନ୍ତିବୋଧ କରିବେ, ବନ୍ଧୁଙ୍କ ସହ ମତଭେଦ, ଯାତ୍ରା ସ୍ଥଗିତ ରହିବ, ପ୍ରଶାସନିକ ଦ୍ୱନ୍ଦ୍ୱ, ଗୃହସୀମା ବିବାଦ, ଲେଖାପଢ଼ାରେ ଆଗ୍ରହ, ସ୍ତ୍ରୀଙ୍କ ପ୍ରେରଣା, ପାରିବାରିକ ସହଯୋଗ, ଧାର୍ମିକ କାର୍ଯ୍ୟ କରିବେ।

**ମିଥୁନ**
ଶୁଭ ସୂଚନା ପାଇବେ, ମୂଲ୍ୟବାନ୍ ଦ୍ରବ୍ୟ ଲାଭ, କର୍ମକ୍ଷେତ୍ରରେ ବ୍ୟସ୍ତତା, ଆର୍ଥିକ ଉନ୍ନତି, ଯାନ୍ତ୍ରିକ ଜିନିଷ କ୍ରୟ, ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦ, ଶତ୍ରୁତାର ସମାଧାନ, ବ୍ୟବସାୟରେ ଉନ୍ନତି।

**କର୍କଟ**
ମାନସିକ ଶାନ୍ତି, ପାରିବାରିକ ସଦ୍ଭାବ ବୃଦ୍ଧି। ସହାୟତା ମିଳିବ, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ଅର୍ଥ ଲାଭରୁ ସନ୍ତୋଷ, ଅନ୍ୟମନସ୍କତାରୁ ଅର୍ଥହାନି, ପଡ଼ୋଶୀଙ୍କ ନିନ୍ଦା, କର୍ମ ପ୍ରାଧାନ୍ୟତା, ନୀତିଗତ ନିଷ୍ପତ୍ତିରୁ ପ୍ରଶଂସା, ନୂତନ ମିତ୍ରତା ସୃଷ୍ଟି।

**ସିଂହ**
ଭାବପ୍ରବଣତା ବୃଦ୍ଧି, ଅଜୀର୍ଣ୍ଣ ପୀଡ଼ା, ମନ ଭାରାକ୍ରାନ୍ତ ରହିବ, ପାରିବାରିକ ମତଭେଦ, ଦୂରସ୍ଥାନକୁ ଯାତ୍ରା। ଋଣ ପରିଶୋଧ, ବିବାଦର ସମାଧାନ, ଯାତ୍ରାରେ କଳହ, କଚେରି ମାମଲାରେ ବିଜୟ।

**କନ୍ୟା**
ବିଦେଶଯାତ୍ରାର ସୁଯୋଗ, ସୌଖୀନ ଦ୍ରବ୍ୟ କ୍ରୟ। ପାରିବାରିକ ସମସ୍ୟା, ରାଜନୀତିରେ ସମ୍ମାନ। ଅନିଦ୍ରାଜନିତ କ୍ଲେଶ, କାର୍ଯ୍ୟହାନିରୁ ମନସ୍ତାପ, ବିବାହ ପ୍ରସ୍ତାବ ଆସିବ, ଆନୁଷ୍ଠାନିକ ଦକ୍ଷତା, ବନ୍ଧୁମାନଙ୍କ ପ୍ରଶଂସା।

**ତୁଳା**
ଆକସ୍ମିକ ଯାତ୍ରା, ଗୃହୋପକରଣ କ୍ରୟ। କର୍ମକ୍ଷେତ୍ରରେ ପ୍ରଶଂସା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭଲ ରୋଜଗାର ହେବ, ନିଯୁକ୍ତି ଅଫର ପାଇବେ, ଦୈହିକ ଦୁର୍ବଳତା, ମାଙ୍ଗଳିକ କାର୍ଯ୍ୟ, ଦେବଦର୍ଶନେଚ୍ଛା, ପରିଜନଙ୍କ ସହ ଭ୍ରମଣ, ମିତ୍ରଲାଭ।

**ବିଛା**
ବନ୍ଧୁସମ୍ପର୍କ, ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ, ରାଜନୀତିରେ ସମସ୍ୟା, ଜମିଜମା ବିବାଦ, ଭ୍ରମଣ ସୁଯୋଗ ଜୁଟିବ, ତିକ୍ତତାର ସମାପ୍ତି, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ଆଶାଜନକ ଖବର ପ୍ରାପ୍ତି, ଅର୍ଥନୈତିକ ଅବରୋଧ, ନିର୍ମାଣରେ ବାଧା, ଉଚ୍ଚବର୍ଗଙ୍କ ସହାୟତା।

**ଧନୁ**
ମାନସିକ ଶାନ୍ତି, ଉଚ୍ଚାଶାରୁ ସଫଳତା, ଅର୍ଥସଂକଟ ଦୂରେଇଯିବ, ପାରିବାରିକ ସ୍ନେହ, ତୀର୍ଥାଟନ ପାଇଁ ପ୍ରସ୍ତୁତି, କାର୍ଯ୍ୟରେ ପ୍ରତିକୂଳତା, ବ୍ୟବସାୟରେ ସଫଳତା, ଶୁଭଖବର ପାଇବେ।

**ମକର**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ବୟସ୍କଙ୍କ ଆଶୀର୍ବାଦ, ପରୋପକାରରୁ ପ୍ରଶଂସା, ଲକ୍ଷ୍ୟ ହାସଲରେ ବାଧା, ମାନସିକ ଅସ୍ଥିରତା, ସନ୍ତାନଙ୍କ ବିଶୃଙ୍ଖଳା, ପରୋକ୍ଷ ଶତ୍ରୁତା, ଟେନ୍‌ସନ ବଢ଼ିବ, ଉଚ୍ଚ ରକ୍ତଚାପ ବୃଦ୍ଧି, ସାଧାରଣ କଥାରୁ କଳହ।

**କୁମ୍ଭ**
ମିତ୍ରତା ସୃଷ୍ଟିକରିବେ, ମିଥ୍ୟା ଅଭିଯୋଗ, ଦୁର୍ବଳ ମାନସିକତା, ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ। ସମସ୍ୟାର ସରଳ ସମାଧାନ, ଅର୍ଥର ଆବଶ୍ୟକତା, ଲୋକ ସମ୍ପର୍କ ବୃଦ୍ଧି, ଆଇନ ଅଦାଲତରେ ବିଜୟ, ପ୍ରଶାସନିକ ସଫଳତା, ରାଜନୈତିକ ଦ୍ୱନ୍ଦ୍ୱ।

**ମୀନ**
କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପଦାଧିକାରୀଙ୍କ ଭୁଲ୍ ବୁଝାମଣା, ଶାରୀରିକ ପୀଡ଼ା, ବନ୍ଧୁପ୍ରିୟତା, ପରିସ୍ଥିତିର ମୁକାବିଲା, ଭ୍ରମଣ ସୁଯୋଗ, ଆମଦାନୀ ବାଣିଜ୍ୟରେ ପ୍ରତିବନ୍ଧକ, ସଭାସମିତିରେ ବିତର୍କ, ପିତାଙ୍କ ସ୍ୱାସ୍ଥ୍ୟହାନି, ଜମିଜମା ବିବାଦ।

# ଚାବିର ଦାମ୍ ୩.୮୮ କୋଟି



**ଦା**ମୀ ଲକ୍‌ଜ୍ଯୁରି କାର୍‌ର ମାଲିକ ହେବା ପାଇଁ କାହାର ବା ସ୍ୱପ୍ନ ନ ଥାଏ। କିନ୍ତୁ କିଛି ଜଣଙ୍କ ପାଇଁ ଏହା ସାମାନ୍ୟ କଥା ହୋଇଥିବା ବେଳେ କିଛି ଜଣଙ୍କ ପାଇଁ କେବଳ ସ୍ୱପ୍ନ ହୋଇ ହିଁ ରହିଯାଏ। ତେବେ ଲକ୍‌ଜ୍ଯୁରି କାର୍‌ର ମାଲିକ ହୋଇଗଲା ପରେ କିଛି ଜଣଙ୍କ ମନରେ ସେହି କାର ପାଇଁ ଗୋଟିଏ ଦାମୀ ଚାବି ବନେଇବାର ଇଚ୍ଛା ରହିଥାଏ। ସେହିଭଳି ବ୍ୟକ୍ତିଙ୍କ ଇଚ୍ଛାକୁ ପୂରଣ କରେ 'ଇବାଇନ୍' ନାମକ ପୃଥିବୀର ଏକମାତ୍ର ଲକ୍‌ଜ୍ଯୁରି କାର୍ କି ମେକିଙ୍ଗ କମ୍ପାନୀ। ଏହି କମ୍ପାନୀ ବୁଗାଟି, ରୋଲସ୍ ରୟେସ୍, ବେଣ୍ଟଲେ, ମେକ୍ ଲୋରେନ୍, ମର୍ଶିଡିଜ୍ ବେଞ୍ଜ୍ ଭଳି ଦାମି ସୁପର୍ କାରଗୁଡିକ ପାଇଁ ଚାବି ପ୍ରସ୍ତୁତ କରିଥାଏ, ଯେଉଁଥିରେ ଦାମୀ ପଥର, ହୀରା, ୧୮ କ୍ୟାରେଟ ସୁନା ଆଦି ବ୍ୟବହାର କରାଯାଇଥାଏ । କେବଳ ସେତିକି ନୁହେଁ ଏହି କମ୍ପାନୀ ତା'ର ଗ୍ରାହକମାନଙ୍କୁ କଷ୍ଟମାଇଜ୍ ଚାବି ପ୍ରସ୍ତୁତ କରିବାର ମଧ୍ୟ ଅପ୍ସନ ଦେଇଥାଏ। ଏହିସବୁ କଷ୍ଟମାଇଜ୍ ଚାବିରେ ହୀରା, ସୁନା ବ୍ୟତୀତ କାଠ ଏବଂ ଲେଦର ଭଳି ବସ୍ତୁର ବ୍ୟବହାର ମଧ୍ୟ କରାଯାଇଥାଏ। ତେବେ ନିକଟରେ ଏହି କମ୍ପାନୀ ରୋଲସ୍ ରୟେସ୍ ଫାଣ୍ଟମ୍ କାର ଲାଗି ଏକ ଚାବି ପ୍ରସ୍ତୁତ କରିଛନ୍ତି, ଯାହାର ମୂଲ୍ୟ ରହିଛି ୩.୮୮ କୋଟି। ଏହି ଚାବିର ମୂଲ୍ୟ ଏତେ ଅଧିକ ଯେ ଏହି ମୂଲ୍ୟରେ ଆଉ ଏକ ଲକ୍‌ଜ୍ଯୁରି କାର ମଧ୍ୟ କିଣାଯାଇପାରିବ।

# ପାଠକୀୟ

● ଚାଲୁ ଚାଲୁ ଝୁଣ୍ଟି ପଡ଼ିଲେ ଯିଏ କୋଳକୁ ଟାଣି ଆଣି ଆଉଁଶି ପକାଏ। ଖାଇବା ସମୟରେ ତଣ୍ଟିରେ ଲାଖିଗଲେ ଯାହାର ହୃଦସ୍ପନ୍ଦନ ବଢିଯାଏ, ସିଏ ହେଉଛି ମା'। ସନ୍ତାନର ସାମାନ୍ୟ ଯନ୍ତ୍ରଣା ମା' ହୃଦୟରୁ ରକ୍ତ ଝରାଇଦିଏ। ସେଇଥିପାଇଁ ତ ସନ୍ତାନ ଉପରକୁ ଯେବେ ଆସେ କୌଣସି ବିପଦ ଥରିଯାଏ ମା'ର କଲିଜା। ଦୁଇ ବାହୁକୁ ପ୍ରସାରି ସେ ସବୁକୁ ନିଜ ଛାତିରେ ଆବୋରିନିଏ। କାରଣ ସନ୍ତାନ ଭିତରେ ହିଁ ଥାଏ ତା'ର ଜୀବନ। ସେମିତି କେତେଜଣ ଆଦର୍ଶ ମା'ମାନଙ୍କୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମୋ ମା'' ଏକ ହୃଦୟସ୍ପର୍ଶୀ ଆଲେଖ୍ୟ ଥିଲା। 'କଏନ୍ ଆର୍ଟ' ଓ 'ଅଫିସ୍ କାମରେ ମନ ନ ଲାଗୁଥିଲେ' ଆଦି ପାଠଦୁଇଟିରୁ ଅନେକ ନୂଆ କଥା ଜାଣିହେଲା।

*–ରାକେଶ ରାଉତ, ୱାଟର ୱାର୍କ୍ସ ରୋଡ୍, ପୁରୀ*

● ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମୋ ମା' ମନକୁ ଛୁଇଁଗଲା ଭଳି ଏକ ବିଷୟ ଥିଲା। 'କୁଲ୍ ଜୁସ୍' ପାଠରୁ ବିଭିନ୍ନ ପ୍ରକାର ଭିଟାମିନ୍ସ ଯୁକ୍ତ ଥଣ୍ଡା ପାନୀୟ ସମ୍ପର୍କରେ ଜାଣି ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଅନୁଭବୀ ସ୍ରଷ୍ଟା ଆଲବର୍ଟ କାମ୍ୟୁଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ସମ୍ପର୍କରେ ନୂଆ ନୂଆ କଥା ଜାଣିହେଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଏମିତି ମା' ନାମକ ଗପଟି ମୋ ମନ କିଣିନେଲା।

*–ଖଗେଶ୍ୱର ପ୍ରଧାନ, ତିନିମୁହାଣି, କେନ୍ଦ୍ରାପଡା*

● ସିନେମା ପାଠ ପଢିବାକୁ ମୋତେ ବହୁତ ଭଲ ଲାଗେ। ଏଥିରେ ସ୍ଥାନିତ ନାୟିକା ଓ ନାୟକଙ୍କର ରିଲ୍ ଓ ରିୟଲ୍ ଲାଇଫ୍ ସମ୍ପର୍କରେ ଖୁବ୍ ମଜାଦାର୍ କଥା ପଢି ମନ ଖୁସି ହୋଇଯାଏ। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭଟି ଏକ ପ୍ରେରଣାଦାୟୀ ବିଷୟ। ଏଥିରେ ସ୍ଥାନିତ ବହୁ ପ୍ରତିଭାବାନ୍ ବ୍ୟକ୍ତିଙ୍କର ସଂଘର୍ଷପୂର୍ଣ୍ଣ କାହାଣୀରୁ ଅନେକ କିଛି ଶିଖିବାକୁ ମିଳିଥାଏ।

*–ସ୍ୱର୍ଣ୍ଣପ୍ରଭା ଦେବୀ, ରାଉରକେଲା*

● 'ଓଃ ଫନୀ' ପାଠଟି ସତରେ ଏକ ହୃଦୟ ବିଦାରକ ବିଷୟ ଥିଲା। ବାତ୍ୟା ଫନୀର ଆଘାତରେ ପ୍ରକୃତି ଓ ମଣିଷ କିଭଳି ଦୁଃଖ ଯନ୍ତ୍ରଣାରେ ଛଟପଟ ହେଉଥିଲେ ତା'ର ନିଛକ ପ୍ରତିଛବି ଏଥିରୁ ଜାଣିହେଲା। ସେହିପରି ମଡେଲ୍ ମିରର୍‌ରେ 'ବି.ଏମ୍ ବୈଶାଳୀ' ବେଶ୍ ସୁନ୍ଦରୀ ଦେଖାଯାଉଥିଲେ।

*–ତନ୍ମୟୀ ମିଶ୍ର, ରାଣୀହାଟ, କଟକ*

● ସବୁଜ ଗାଁ 'ଖୋନୋମା'ରୁ ଅନେକ ଉପାଦେୟ କଥା ଜାଣିବାକୁ ମିଳିଲା। 'ନିଦରେ ଶୋଇ ରହୁଥିବା ଗାଁ', 'ଡୋଳା ବଦଳେଇଲା ବିଦ୍ୟୁତ୍ ଆଘାତ', 'ବାଘ ମୁଖା ତଳେ ୪୫ ବର୍ଷ', 'ଟୟଲେଟ୍ ଦେବ ରାଜକୀୟ ଅନୁଭୂତି' ଆଦି ପାଠଗୁଡ଼ିକ ପଢିବାକୁ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ସରୋଜ ମହାରଣା, ଖୋର୍ଦ୍ଧା ରୋଡ୍*

## ବିଶେଷ ଚିଠି




ମୋତେ ଯଦି କେହି
ପଚାରିବେ ଭାଇ
କେଉଁ ପତ୍ରିକା ଉତ୍ତମ
ଅବିଳମ୍ବେ ତାଙ୍କୁ କହିବି ଧରିତ୍ରୀ
ଛୁଟିଦିନ ସର୍ବୋତ୍ତମ।
କହିବେ କାରଣ କହନ୍ତୁ ଆପଣ
ଯେବେ ହେବ କେବେ ଦେଖା
ପ୍ରତ୍ୟୁତ୍ତର ଦେବି ଛୁଟିଦିନ ଆଣେ
ସବୁ ରକମର ଲେଖା।

*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*


ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795


ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ବାତ୍ୟା ବୃତ୍ତାନ୍ତ

**ବାତ୍ୟା ଆସେ, ଚାଲିଯାଏ। ହେଲେ ବାତ୍ୟାକୁ ସାମ୍ନା କରିଥିବା ମଣିଷର ବିପର୍ଯ୍ୟୟର ସୀମା ନ ଥାଏ। ତେବେ ଯଦି ବାତ୍ୟାର ପୂର୍ବାନୁମାନ ହେଇପାରେ, ଅନେକ କ୍ଷୟକ୍ଷତିକୁ ରୋକି ହେବ। ତେବେ କେମିତି ହୁଏ ବାତ୍ୟାର ପୂର୍ବାନୁମାନ ଓ କେମିତି ଥାଏ ବାତ୍ୟା ପରର ପରିବେଶ ଓ କେମିତି ସାମ୍ନା କରିବାକୁ ହୁଏ ତା’ ପରର ସ୍ଥିତି....**

ନିକଟ ଅତୀତରେ ଭାରତର ଉପକୂଳବର୍ତ୍ତୀ ରାଜ୍ୟ ଓଡ଼ିଶାରେ ସାମୁଦ୍ରିକ ଘୂର୍ଣ୍ଣିଝଡ଼ ‘ଫନୀ’ ପ୍ରଭାବରେ ନାହିଁ ନଥିବା କ୍ଷତି ହୋଇଛି। ସରକାରୀ ହିସାବ ମୁତବାକ ଲକ୍ଷଲକ୍ଷ ଗଛ ଉପୁଡ଼ି ପଡ଼ିଛି। ୧ ଲକ୍ଷ ୫୯ ହଜାର ଇଲେକ୍ଟ୍ରିକ୍ ଖୁଣ୍ଟ ଉପୁଡି ପଡିଛି। ହଜାର ହଜାର ଟେଲିଫୋନ ଟାୱାର ଉପୁଡ଼ି ପଡିଛି। ଏହାଛଡ଼ା ଚାଳଛପର ଘର, କୋଠାଘର, ଦୋକାନଘର, ବେଳାଭୂମି, ମନ୍ଦିର, ଅଭୟାରଣ୍ୟ, ଦର୍ଶନୀୟ ସ୍ଥାନ ସଭିଏ ବେଶ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ବାତ୍ୟାର ପ୍ରାକ୍ ସୂଚନା ଠିକ୍‌ଭାବେ ଆକଳନ କରାଯାଇଥିବା ଯୋଗୁଁ ଏହାର ଗତିପଥ ଓ ତୀବ୍ରତା ସମ୍ପର୍କରେ ସରକାର ଅବଗତ ହୋଇପାରିଥିଲେ ଏବଂ ସେହି ଅନୁସାରେ ଜନସାଧାରଣଙ୍କୁ ସତର୍କତା ଓ ସଚେତନ କରାଯାଇପାରିବା ସହ ବାତ୍ୟା ଅଞ୍ଚଳରୁ ଲକ୍ଷ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତରଣ କରାଯାଇପାରିଥିଲା।

**କେମିତି ଆସେ ବାତ୍ୟା:** ପାଣିପାଗ ବିଜ୍ଞାନ ଅନୁଯାୟୀ ଏକ ବୃହଦାକାର ବାୟୁସମ୍ଭାର ଯାହା ନିମ୍ନ ବାୟୁମଣ୍ଡଳୀୟ ଚାପ ଥିବା ଅଞ୍ଚଳରେ ଏକ ସୁଦୃଢ଼ କେନ୍ଦ୍ରବିନ୍ଦୁ ଚାରିପଟେ ଘୂର୍ଣ୍ଣାୟମାନ ଅବସ୍ଥାରେ ରହିଥାଏ। ପ୍ରାୟ ୮୦୦ ରୁ ୧୬୦୦ କିମି ବ୍ୟାସ ବିଶିଷ୍ଟ ଗୋଲେଇ ପରିମିତ ଏହା ଏକ ଘୂର୍ଣ୍ଣେନ୍ଦ୍ରେୟମାନ ଶକ୍ତି ଯାହା ନିଜ ମଧ୍ୟରେ ବାୟୁ ଚାପକୁ କମ୍ ରଖିଥାଏ। ଏହାର ଅନ୍ୟ ଚାରିପାଖରେ ସ୍ୱତଃସ୍ଫୁର୍ତ୍ତ ଭାବରେ ବାୟୁଚାପ ଅହେତୁକ ଭାବେ ବୃଦ୍ଧି ପାଇଥାଏ। ପୃଥିବୀ ପୃଷ୍ଠରେ ତାପମାତ୍ରାଜନିତ ଅସମାନତା କାରଣରୁ ବାୟୁ ଚାପରେ ତାରତମ୍ୟ ସୃଷ୍ଟି ହୋଇଥାଏ, ଯାହା ବାତ୍ୟା ସୃଷ୍ଟି ହେବାର ମୂଳ କାରଣ। ଏଥିରେ ଉଚ୍ଚଚାପ ବିଶିଷ୍ଟ ଚତୁଃପାର୍ଶ୍ୱ ଅଞ୍ଚଳରୁ ନିମ୍ନଚାପ ବିଶିଷ୍ଟ କେନ୍ଦ୍ରାଞ୍ଚଳକୁ ପ୍ରବଳ ବେଗରେ ପବନ ବହିଥାଏ। ପବନର ବେଗ ଅନୁଯାୟୀ ଏହାର ପ୍ରକାର ଭେଦ କରାଯାଇଥାଏ। ବାତ୍ୟା ଅଥବା ମହାବାତ୍ୟା ପାଇଁ ଅନ୍ୟାନ୍ୟ ଦେଶଗୁଡ଼ିକରେ ସାଇକ୍ଲୋନ୍, ଟାଇଫୁନ୍, ହରିକେନ୍ ଭଳି ଶବ୍ଦ ବ୍ୟବହାର କରାଯାଇଥାଏ। ଏସବୁ ଶବ୍ଦର ଅର୍ଥ ଅନ୍ତେବସ୍ତୁତେ ସମାନ। କେବଳ ଆଞ୍ଚଳିକ ଓ ଭୌଗୋଳିକ ତଥା ଦାନା ବାନ୍ଧୁଥିବା ମହାସାଗରର ପ୍ରଭେଦକୁ ନେଇ ଏଗୁଡ଼ିକର ନାମ ଭିନ୍ନ ଭିନ୍ନ ହୋଇଥାଏ। ଆଟ୍‌ଲାଣ୍ଟିକ ମହାସାଗରରେ ସୃଷ୍ଟି ଝଡ଼କୁ ‘ହରିକେନ୍’ ନାମରେ ନାମକରଣ କରାଯାଇଥିବାବେଳେ ପ୍ରଶାନ୍ତ ମହାସାଗରୀୟ ଜଳରାଶିରେ ଝଡ଼କୁ ‘ଟାଇଫୁନ’ ଓ ଭାରତ ମହାସାଗରୀୟ ଜଳରାଶିରେ ସୃଷ୍ଟି ବାତ୍ୟାକୁ ‘ସାଇକ୍ଲୋନ’ କୁହାଯାଇଥାଏ। ସାମୁଦ୍ରିକ ଜଳରାଶି ଉପରେ କୌଣସି ବାଧାବିଘ୍ନ ନ ଥିବାରୁ ବାୟୁ ପ୍ରବାହର ବେଗ ସର୍ବଦା ୬୦-୭୦ କି.ମି. ପାଖାପାଖି ରହିଥାଏ। ତେବେ ବାୟୁ ପ୍ରବାହର ବେଗ ଘଣ୍ଟାପ୍ରତି ୭୪-୭୫ କିମିରୁ ବୃଦ୍ଧି ପାଇଲେ ଏହା ବାତ୍ୟାରେ ଅନ୍ତର୍ଭୁକ୍ତ ହୋଇଥାଏ। ବାତ୍ୟାରେ ହେଉଥିବା ବାୟୁପ୍ରବାହ ବେଗକୁ ନେଇ ଏହାକୁ ଭିନ୍ନ ଭିନ୍ନ ଶ୍ରେଣୀଯୁକ୍ତ କରାଯାଇଛି। ସମୁଦ୍ରରେ ସୃଷ୍ଟି ହେଉଥିବା ଏଭଳି ଲଘୁଚାପର ବେଗ ୧୦୫କିମି/ଘଣ୍ଟା ଭିତରେ ରହିଲେ ବ୍ୟାପକ ଘରଦ୍ୱାର, ଦୋକାନ ବଜାର ଆଦି ନଷ୍ଟ ହୋଇଥାଏ। ବାତ୍ୟାର ଦ୍ୱିତୀୟ ଶ୍ରେଣୀରେ ପବନର ବେଗ ୧୨୫ରୁ ୧୬୪କିମି ଭିତରେ। ପବନର ବେଗ ୧୬୫ରୁ ୨୨୪କିମି ମଧ୍ୟରେ ରହିଲେ ଏହାକୁ ଭୀଷଣ ବାତ୍ୟା ବା ସିଭିୟର ସାଇକ୍ଲୋନ କୁହାଯାଇଥାଏ। ୨୨୫ରୁ ୨୭୯ କିମି ପ୍ରତି ଘଣ୍ଟା ବାୟୁପ୍ରବାହ ହୋଇଥିଲେ ଏହାକୁ ପ୍ରଳୟଙ୍କରୀ ବାତ୍ୟାର ଶ୍ରେଣୀଭୁକ୍ତ କରାଯାଇଥାଏ। ତେବେ ପବନର ବେଗ ୨୮୦କିମିରୁ ବୃଦ୍ଧି ପାଇଲେ ଏହା ପ୍ରଳୟଙ୍କରୀ ବାତ୍ୟାର ରୂପ ଧାରଣ କରେ। ଏହା ପରିବେଶ ଓ ଧନଜୀବନର ବ୍ୟାପକ କ୍ଷୟକ୍ଷତି କରିଥାଏ।

**ବାତ୍ୟାର ନାମକରଣ:** ବାତ୍ୟାର ନାମକରଣର ଇତିହାସ ଅବଲୋକନ କଲେ ଜଣାଯାଏ ଯେ ବାତ୍ୟାର ପ୍ରଥମ ନାମକରଣ ଆଟ୍‌ଲାଣ୍ଟିକ୍ ମହାସାଗରରେ ବିଂଶ ଶତାବ୍ଦୀ ମଧ୍ୟଭାଗରେ ସୃଷ୍ଟି ହୋଇଥିବା ବାତ୍ୟା ‘ଆଣ୍ଟେ’ଠାରୁ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ କ୍ୟାରିବିୟାନ ଦ୍ୱୀପ ସମୂହର ଅଧିବାସୀ ରୋମାନ୍ କ୍ୟାଥୋଲିକ୍ କ୍ୟାଲେଣ୍ଡରର ନାମ ଅନୁଯାୟୀ ବାତ୍ୟାର ନାମକରଣ କରିବା ଆରମ୍ଭ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥାନ ବିଶେଷ, ସାମଗ୍ରୀ, ମୁନିଋଷି ଅଥବା ମହାପୁରୁଷଙ୍କ କଳ୍ପବିଧିକୁ ନେଇ ବାତ୍ୟାର ନାମକରଣ କରାଯାଇଥିଲା। ତେବେ ଏଥିରେ ବ୍ୟତିକ୍ରମ କରିଥିଲେ କ୍ୱିନ୍ସଲ୍ୟାଣ୍ଡ ସରକାରଙ୍କ ପାଣିପାଗ ବିଶେଷଜ୍ଞ କ୍ଲେମେଣ୍ଟ ଫେରେଜ୍। ବ୍ୟକ୍ତିବିଶେଷଙ୍କ ନାମ ଅନୁଯାୟୀ ସେ ବାତ୍ୟାର ନାମକରଣ ଆରମ୍ଭ କରିଥିଲେ, ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିଲା। ଏହାପରେ ବାତ୍ୟାର ନାମକରଣକୁ ନେଇ ପୁନଶ୍ଚ ନୂତନଧାରା ଆରମ୍ଭ ହେଲା। ୧୯୫୩ ମସିହାରେ ଆମେରିକୀୟ ପାଣିପାଗ ବିଭାଗ ପକ୍ଷରୁ କେବଳ ଇଂରାଜୀ ଅକ୍ଷର ‘ଏ’ ଠାରୁ ‘ଡବ୍ଲ୍ୟୁ’ରେ ଆରମ୍ଭ ହୋଇଥିବା ମହିଳାଙ୍କ ନାମାନୁସାରେ ବାତ୍ୟାର ନାମକରଣ ଆରମ୍ଭ କରାଗଲା। ତେବେ ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ ମହିଳା ସଂଗଠନ ତରଫରୁ ଏହାକୁ ପ୍ରବଳ ବିରୋଧ ଯୋଗୁ ଏହି ଧାରା ବାଦ୍ ପଡିଥିଲା। ୧୯୭୮ ମସିହା ପରଠାରୁ ବାତ୍ୟାର ନାମକରଣ ଧାରାରେ ପୁରୁଷଙ୍କ ନାମ ମଧ୍ୟ ସାମିଲ ହେଲା। ତେବେ ସାଂପ୍ରତିକ ସମୟରେ ଏହି ପ୍ରକ୍ରିୟା କିଛି ଦେଶକୁ ନେଇ ଗଠିତ ଗୋଷ୍ଠୀ ଦ୍ୱାରା ପ୍ରସ୍ତାବିତ ନାମକୁ ନେଇ କରାଯାଇଛି।

ଉତ୍ତର ଗୋଲାର୍ଦ୍ଧରେ ଉତ୍ତର ଆଟ୍‌ଲାଣ୍ଟିକ୍ ଓ ପୂର୍ବ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଆମେରିକାନ୍ ନ୍ୟାଶନାଲ ଅରିକେନ୍ ସେଣ୍ଟର, କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଆମେରିକାନ୍ ସେଣ୍ଟ୍ରାଲ ପାସିଫିକ୍ ହରିକେନ୍ ସେଣ୍ଟର, ପଶ୍ଚିମ ପ୍ରଶାନ୍ତ →












ମହାସାଗର ଅଞ୍ଚଳ ପାଇଁ ଜାପାନ୍ ମେଟେରୋଲଜିକାଲ ଏଜେନ୍ସି, ଉତ୍ତର-ଭାରତ ମହାସାଗର ଅଞ୍ଚଳ ପାଇଁ ଭାରତୀୟ ପାଣିପାଗ କେନ୍ଦ୍ର ନାମକରଣର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୋଟିଏ ଏଜେନ୍ସି ମଧ୍ୟରେ ଥିବା କୌଣସି ସଦସ୍ୟଙ୍କ ପ୍ରସ୍ତାବକ୍ରମେ ଏହି ନାମକୁ ପ୍ରତ୍ୟାହାର କରି ଅନ୍ୟ ନାମ ଦେଇପାରିବେ, କିନ୍ତୁ ଏଥିପାଇଁ କମିଟିର ସର୍ବସମ୍ମତି ଆବଶ୍ୟକ। ୨୦୦୦ ମସିହା ପରଠାରୁ ଭାରତ ମହାସାଗରୀୟ ଅଞ୍ଚଳରେ ନାମକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଅଞ୍ଚଳରେ ଥିବା ୮ଟି ଦେଶ ବାଂଲାଦେଶ, ଭାରତ, ମାଳଦ୍ୱୀପ, ଶ୍ରୀଲଙ୍କା, ଥାଇଲାଣ୍ଡ, ମ୍ୟାନ୍ମ୍ୟାର, ଓମାନ ଓ ପାକିସ୍ତାନ ନିଜ ପସନ୍ଦ ମୁତାବକ ଏକାଧିକ ନାମ ଆନ୍ତର୍ଜାତିକ ପାଣିପାଗ ସଂଗଠନର ଆଞ୍ଚଳିକ କାର୍ଯ୍ୟାଳୟକୁ ପ୍ରଦାନ କରିସାରିଛନ୍ତି। ବର୍ତ୍ତମାନ ଆସିଥିବା ବାତ୍ୟା 'ଫନୀ'ର ନାମକରଣ ବାଂଲାଦେଶ ଦ୍ୱାରା କରାଯାଇଥିବା ବେଳେ ପରବର୍ତ୍ତୀ ବାତ୍ୟାର ନାମ ଭାରତ ତରଫରୁ 'ବାୟୁ' ରଖାଯାଇଛି।

### କ'ଣ ଥିଲା ଫନୀ

ନିକଟ ଅତୀତରେ ଓଡ଼ିଶାରେ ପ୍ରଳୟ ରଚିଥିବା 'ଫନୀ'। ସାମୁଦ୍ରିକ ଘୂର୍ଣ୍ଣିବାତ୍ୟା କଥା ବିଚାରକୁ ନେଲେ ଜଣାଯାଏ ଯେ, ଦୁଇଟି କାରଣରୁ ଏହା ଥିଲା ଅନ୍ୟ ବାତ୍ୟାଠାରୁ ଭିନ୍ନ। ପ୍ରଥମତଃ ଏପ୍ରିଲ ମାସରେ ହୋଇଥିବା ବାତ୍ୟା ସାଧାରଣତଃ ଅସ୍ୱାଭାବିକ। ୧୯୮୧ ମସିହାରୁ ଏଯାବତ୍ ଆମ ଦେଶରେ ସୃଷ୍ଟି ହୋଇଥିବା ମୋଟ ବାତ୍ୟାର ମାତ୍ର ୩ ପ୍ରତିଶତ ବାତ୍ୟା ଏପ୍ରିଲ ମାସରେ ସୃଷ୍ଟି ହୋଇଛି। ଦ୍ୱିତୀୟତଃ ଏହା ପୂର୍ବରୁ ବଙ୍ଗୋପସାଗରରେ ସୃଷ୍ଟି ହୋଇ ଭାରତରେ ସ୍ଥଳଭାଗ ଛୁଇଁଥିବା ଏପ୍ରିଲ ମାସର ବାତ୍ୟା ସଂଖ୍ୟା ହେଉଛି ମାତ୍ର ଗୋଟିଏ, ଯାହା ୧୯୬୬ରେ ସୃଷ୍ଟି ହୋଇଥିଲା। 'ଫନୀ'ର ଅନ୍ୟ ଏକ ବିଲକ୍ଷଣ ହେଉଛି, ସାଧାରଣତଃ ସ୍ଥଳଭାଗରେ ମାଡ ହେବା ପରେ ସାମୁଦ୍ରିକ ବାତ୍ୟାର ତୀବ୍ରତା ହ୍ରାସ ପାଉଥିବା ବେଳେ ସ୍ଥଳଭାଗ ଛୁଇଁବା ବେଳେ ବାତ୍ୟା ଫନୀର ସର୍ବୋଚ୍ଚ ବେଗ ଥିଲା ପାଖାପାଖି ଘଣ୍ଟା ପ୍ରତି ୨୦୦କିମି। ୨୦୦୦ ମସିହା ପରେ ଉତ୍ତର ଭାରତୀୟ ମହାସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମଧ୍ୟରେ ବେଗ ତଥା ତୀବ୍ରତା ଦୃଷ୍ଟିରୁ ଏହା ସପ୍ତମ ସ୍ଥାନରେ ରହିଛି।

ତେବେ ଫନୀକୁ ନେଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଏବଂ ପାଣିପାଗ ବିଜ୍ଞାନ ତରଫରୁ ମିଳିତ ଭାବରେ କରାଯାଇଥିବା ପୂର୍ବାନୁମାନର କାହାଣୀ ଥିଲା ବେଶ୍ କୌତୂହଳପୂର୍ଣ୍ଣ। ଗତ ମାସ ଏପ୍ରିଲ ୨୧ ତାରିଖରେ ଭାରତୀୟ ପାଣିପାଗ ବିଭାଗ ଜାଣିପାରିଥିଲା ଯେ, ବଙ୍ଗୋପସାଗର ଓ ଭାରତ ମହାସାଗର ସୀମାରେ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ଲଘୁଚାପ ହେଉଛି ଯେକୌଣସି ବାତ୍ୟାର ପ୍ରଥମ ଆଭାସ। ତେବେ ଏହି ବାତ୍ୟାର ରୂପ କ'ଣ ହେବ, ସାମାନ୍ୟ ରହିବ ନା ଭୟଙ୍କର ହେବ, କେଉଁ ଦିଗକୁ ଗତି କରିବ, ପବନର ତୀବ୍ରତା କ'ଣ ରହିବ। କେଉଁଠି ମାଡ଼ ହେବ, ବାତ୍ୟାର ଆଖି କେତେ ବ୍ୟାସାର୍ଦ୍ଧ ବିଶିଷ୍ଟ ରହିବ- ଏ ସମ୍ପର୍କରେ ପୂର୍ବାନୁମାନ କରିବା ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଲଘୁଚାପ ସୃଷ୍ଟି ହେଉଥିବା ସମୁଦ୍ର ଭାଗରୁ ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହ କରାଯାଇ ବିଭିନ୍ନ ମହଲରେ ଏହାର ବିଶ୍ଳେଷଣ ଆରମ୍ଭ ହୋଇଥିଲା। ଖୁବକମ୍ ସମୟ ମଧ୍ୟରେ ଏବଂ ବ୍ୟାପକ ରୂପେ ହେଉଥିବା ଏହି କସରତ ପରେ ଯାଇ ସମ୍ଭାବ୍ୟ ବାତ୍ୟାର ରୂପରେଖ ନେଇ ପାଣିପାଗ ବିଭାଗ ତରଫରୁ ପୂର୍ବାନୁମାନ କରାଯାଇଥିଲା।

ଏହି ପ୍ରକ୍ରିୟାରେ କେନ୍ଦ୍ର ଭୂବିଜ୍ଞାନ ବିଭାଗ ଅଧୀନରେ ଥିବା ଅନେକ ଅନୁଷ୍ଠାନ ସାମିଲ ହୋଇଥିଲେ। ଚେନ୍ନାଇସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ ଟେକ୍ନୋଲୋଜି, ପୁଣେସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ ମେଟ୍ରୋଲୋଜି, ନୋଏଡାସ୍ଥିତ ନ୍ୟାଶନାଲ ସେଣ୍ଟର ଫର ମିଡିୟମ ରେଞ୍ଜ ଓ୍ୱେଦର୍ ଫୋରକାଷ୍ଟ, ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ସେଣ୍ଟର ଫର ଓସିଏନ୍ ଫର୍ମେସନ୍ ସର୍ଭିସ ଭଳି ଅନୁଷ୍ଠାନଗୁଡ଼ିକର ସହାୟତା ନିଆଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ଦ୍ୱୀପପୁଞ୍ଜରେ ଥିବା ପର୍ଯ୍ୟବେକ୍ଷଣ କେନ୍ଦ୍ରରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଥିଲା। ମାରାତ୍ମକ ଫନୀ ପାଇଁ ଏଥର ଭାରତୀୟ ମହାକାଶ ଓ ଗବେଷଣା ସଂସ୍ଥା (ଇସ୍ରୋ) ତରଫରୁ ୪ଟି ସାଟେଲାଇଟ୍ ବିନିଯୋଗ କରାଯାଇଥିଲା। ଯେଉଁଗୁଡ଼ିକ ୨୪ ଘଣ୍ଟା ଧରି ସମୁଦ୍ର ଉପରେ ରହି ସମନ୍ୱୟ ଦ୍ୱାରା ବାତ୍ୟାର ଗତିପଥ, ତୀବ୍ରତା ଓ ଲ୍ୟାଣ୍ଡଫଲ କରିବାର ପ୍ରକୃତ ତଥ୍ୟ ଜାଣିପାରିଥିଲେ। ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସୂଚନା ଅନୁଯାୟୀ ହିଁ ସବୁ ଘଟିଥିଲା। ଏପ୍ରିଲ ୫ ତାରିଖରେ ବିଭାଗ ପକ୍ଷରୁ ଦୃଢ଼ତାର ସହ ଜଣାଇଦିଆଗଲା ଯେ, ବାତ୍ୟା ଫନୀ ଅତ୍ୟନ୍ତ ଭୀଷଣ ରୂପ ନେଇ ମେ ୩ ତାରିଖରେ ପୁରୀ ଉପକୂଳରେ ମାଡ଼ ହେବ। ଫଳରେ ଏଥିରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି ସରକାରଙ୍କ ଦ୍ୱାରା ବିପନ୍ନ ହେବାକୁ ଥିବା ଅଞ୍ଚଳଗୁଡ଼ିକରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିଦିଆଯାଇପାରିଲା। ଫଳତଃ ବ୍ୟାପକ ଜୀବନହାନିକୁ ରୋକାଯାଇପାରିଲା। ତେବେ ଏଥିପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଭାରତୀୟ ପାଣିପାଗ ବିଭାଗ, ଆମେରିକୀୟ ନୌସେନାର ପାଣିପାଗ ବିଭାଗ, ସ୍କାଏମେଟ୍ ଆଦି ସଂସ୍ଥାର ପୂର୍ବାନୁମାନ ସୁସମନ୍ୱୟ ଓ ଅତ୍ୟାଧୁନିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଦାୟୀ।

### କେମିତି ଫେରି ପାଇବେ ସୁସ୍ଥ ପରିବେଶ

ସାମୁଦ୍ରିକ ଘୂର୍ଣ୍ଣିବାତ୍ୟା 'ଫନୀ'ରେ ଓଡ଼ିଶାର ପୂର୍ବ ଉପକୂଳରେ ଥିବା ସବୁଜ ବଳୟ ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇଯାଇଛି। ସରକାରୀ ହିସାବ ଅନୁଯାୟୀ ଫନୀ ବାତ୍ୟା ଯୋଗୁଁ ପାଖାପାଖି ୧୦ ମିଲିୟନରୁ ଅଧିକ ବୃକ୍ଷ ଉପୁଡ଼ି ପଡ଼ିବା ସହ ସମସଂଖ୍ୟକ ବୃକ୍ଷଲତା କ୍ଷତିଗ୍ରସ୍ତ ହୋଇଛନ୍ତି। ଅହେତୁକ ବୃକ୍ଷ ନଷ୍ଟ ଯୋଗୁଁ ପରିବେଶର ସନ୍ତୁଳନ ଠିକ୍ ରହିପାରିବ ନାହିଁ, ଯାହା ସ୍ଥାନୀୟ ଜୈବ ବିବିଧତା ଉପରେ ପ୍ରଭାବ ପକାଇବ। ବୃକ୍ଷଲତା ଶୂନ୍ୟ ହୋଇଯାଇଥିବାରୁ ଏବଂ ଗ୍ରୀଷ୍ମଋତୁ ହୋଇଥିବାରୁ ତାପମାତ୍ରାରେ ଅହେତୁକ ବୃଦ୍ଧି ଦେଖାଯିବ, ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଇବ। ଜୀବଜନ୍ତୁ ତଥା ଗଛରେ ଆଶ୍ରା କରି ବଞ୍ଚିଥିବା ପକ୍ଷୀମାନଙ୍କ ସାଧାରଣ ସହାବସ୍ଥାନ ଅତିମାତ୍ରାରେ ପ୍ରଭାବିତ ହେବ। ଏସବୁ ନିଶ୍ଚିତ ଭାବରେ ଏକ ଦୁର୍ଦ୍ଦଶାମୟ ପରିବେଶର ଅସନ୍ତୁଳନ ଆଡ଼କୁ ବାଟ କଢ଼ାଇ ନେବ। ତେଣୁ ପରିବେଶ, ପର୍ଯ୍ୟାବରଣ ଓ ଜୈବ ବିବିଧତାରେ ଦେଖାଯିବାକୁ ଥିବା ଏହି ବ୍ୟାପକ ଅସନ୍ତୁଳନକୁ କେବଳ ବୃକ୍ଷରୋପଣ ଦ୍ୱାରା ହିଁ ରୋକି ହେବ।

**-ସାର୍ଥକ ପ୍ରଧାନ,** ଭୂତତ୍ତ୍ୱ ବିଜ୍ଞାନ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ

## ଏବେ ବଡ଼ ବଡ଼ ଗଛ ଲଗାଇବା ଜରୁରୀ



ବିଶିଷ୍ଟ ପରିବେଶବିତ୍ **ବିଶ୍ୱଜିତ୍ ମହାନ୍ତି,**
ଚେୟାରମ୍ୟାନ, ଗ୍ରୀନ୍‌ପିସ୍ ଇଣ୍ଡିଆ

ସରକାରଙ୍କ ପରିବେଶ ଓ ଜଙ୍ଗଲ ବିଭାଗ ବର୍ତ୍ତମାନ କୌଣସି ପଦକ୍ଷେପ ଗ୍ରହଣ କରିବା ପୂର୍ବରୁ ସିଭିଲ ସୋସାଇଟି ସହ ପରାମର୍ଶ କରିବା ଆବଶ୍ୟକ। ବର୍ତ୍ତମାନ ଏକ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେବାକୁ ଯାଉଥିବାରୁ ସରକାର ଏଥିନେଇ ସଚେତନ ହୋଇ ପଦକ୍ଷେପ ଗ୍ରହଣ କରିବା ବିଧେୟ। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ କେବଳ କାଜୁଗଛ ରୋପଣ ନ କରି ବଡବଡ ଗଛ ରୋପଣ କରିବା ଆବଶ୍ୟକ, ଫଳତଃ ଏଗୁଡ଼ିକ ତୀବ୍ର ବାୟୁପ୍ରବାହର ମୁକାବିଲା କରିବା ସହ ବନ୍ୟପ୍ରାଣୀଙ୍କୁ ଖାଦ୍ୟ ଯୋଗାଇପାରିବ।

ବୃକ୍ଷରୋପଣ କରିବା ପୂର୍ବରୁ ବେଳାଭୂମିରୁ ୩୦୦ମିଟର ଦୂରକୁ ଖାଲି ଛାଡ଼ି ଦେବା ଆବଶ୍ୟକ, ଯାହାଫଳରେ ବାଲି ଦ୍ୱାରା ନିର୍ମିତ ଗଦା ବା ସ୍ତୁପଗୁଡ଼ିକ ସ୍ୱସ୍ଥାନକୁ ଫେରିପାରିବେ। ବର୍ତ୍ତମାନ ମ୍ୟାନ୍‌ଗ୍ରୁଭ୍ ଗଛଗୁଡ଼ିକ ବଢ଼ୁଥିବା ସ୍ଥାନ ଯଥା ଚିଲିକା ମୁହାଣ, କେଲୁଣି, ଦେବୀ ମୁହାଣ, ମହାନଦୀ ଅବବାହିକା, ଭିତରକନିକା ଆଦି ଅଞ୍ଚଳରେ ଅତିକମ୍‌ରେ ୨୧୦ ବର୍ଗ କିମିବ୍ୟାପୀ ମ୍ୟାନ୍‌ଗ୍ରୁଭ୍ ଜଙ୍ଗଲ ସୃଷ୍ଟି କରିବା ଆବଶ୍ୟକ। ସହରାଞ୍ଚଳରେ କୃଷ୍ଣଚୂଡ଼ା ଓ କଦମ୍ବ ପରି ସୂକ୍ଷ୍ମବୃକ୍ଷ ରୋପଣ ନ କରି ବରଗଛ, ନିମ୍ବ ଭଳି ବଡ଼ ବୃକ୍ଷରୋପଣ କରିବା ଆବଶ୍ୟକ। ଏହା ପଶୁପକ୍ଷୀଙ୍କୁ ଖାଦ୍ୟ ଯୋଗାଇବାରେ ମଧ୍ୟ ସହାୟକ ହୋଇପାରିବ।





# ମାଇକ୍ରୋ ସନ୍‌ଗ୍ଲାସ୍







**ଆଜିକାଲି ମାର୍କେଟ୍‌ରେ ଛୋଟ ସାଇଜ୍ ମାଇକ୍ରୋ ସନ୍‌ଗ୍ଲାସେସ୍‌ର ଏକ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି। ଯାହାକୁ ବଲିଉଡ୍ ଡିଭାଙ୍କଠାରୁ ଆରମ୍ଭ କରି ସାଧାରଣ ଯୁବତୀମାନେ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। କୁହାଯାଉଛି, ନବେ ଦଶକରେ କୁଆଡ଼େ ଏହି ସନ୍‌ଗ୍ଲାସେସ୍‌ର ହଟ୍ ଫ୍ୟାଶନ ଥିଲା। ଆଉ ପୁଣିଥରେ ଏବେ ଏହି ଟ୍ରେଣ୍ଡର ପୁନରାବୃତ୍ତି ହୋଇଛି। ତେବେ ଏହାର କ'ଣ ସବୁ ଲାଟେଷ୍ଟ ଡିଜାଇନ୍ ଆସିଛି ଆଉ ଏ ନେଇ କ'ଣ ଟିପ୍ସ ରହିଛି, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

## କେଉଁ ଶେପ୍ ଓ ରଙ୍ଗର ଫ୍ରେମ୍ ଭଲ ମାନିଥାଏ

ସାଧାରଣତଃ ମାଇକ୍ରୋ ସନ୍‌ଗ୍ଲାସ୍‌ଗୁଡ଼ିକରେ ଛୋଟ ଫ୍ରେମ୍ ଲାଗିଥାଏ। ଖାସ୍ କରି ହେକ୍ସାଗନ(ଷଡ଼ଭୂଜ), କ୍ୟାଟ୍ ଆଇ, ଓଭାଲ୍ ଫ୍ଲେଟ୍ ଶେପ୍‌ବାଲା ବାଇଗଣୀ, ନାଲି, ନୀଳ, ମାଟିଆ ତଥା କଳା ରଙ୍ଗର ଫ୍ରେମ୍ ଲାଗିଥିବା ଏହି ସନ୍‌ଗ୍ଲାସ୍ ପିନ୍ଧିଲେ ଅଧିକ ଆକର୍ଷଣୀୟ ଲାଗିଥାଏ।

## କେଉଁ ଅକେଜନ୍ ପାଇଁ କେଉଁ ସନ୍‌ଗ୍ଲାସ୍

–ଡାର୍କ କିମ୍ବା ଟିଣ୍ଟେଡ ମାଇକ୍ରୋ ସନ୍‌ଗ୍ଲାସ୍ ସେକ୍ସି ଲୁକ୍ ଦେଇଥାଏ। ଖାସ୍ କରି ସାଙ୍ଗମାନଙ୍କ ସହ ବିଚ୍ ପାର୍ଟି କିମ୍ବା ବ୍ରଞ୍ଚ ପାର୍ଟିରେ ଯାଉଥିଲେ ଏହାକୁ ଟ୍ରାଏ କରିପାରିବେ।

–ସେହିପରି ଜ୍ୟୋମେଟ୍ରିକ୍ ଫ୍ରେମ୍‌ବାଲା ମାଇକ୍ରୋ ସନ୍‌ଗ୍ଲାସେସ୍‌ଗୁଡ଼ିକ ଫ୍ୟାନ୍ସି ଲୁକ୍ ଦିଏ। ଏହାକୁ ମଧ୍ୟ ସାଙ୍ଗମାନଙ୍କ ସହ କୌଣସି ପାର୍ଟି, ଫଙ୍କସନ୍‌ରେ ଗଲାବେଳେ ପିନ୍ଧି ପାରିବେ।

–ଅନ୍ୟପକ୍ଷେ ରାଉଣ୍ଡ ଫ୍ରେମ୍‌ର ମାଇକ୍ରୋ ସନ୍‌ଗ୍ଲାସ୍‌କୁ ମଧ୍ୟ କେହି କେହି ପିନ୍ଧୁଥିବା ଦେଖିବାକୁ ମିଳିଥାଏ। ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ପିନ୍ଧାଯାଇପାରେ।



–ମଡର୍ନ କ୍ୟାଟ୍ ଆଇ ସନ୍‌ଗ୍ଲାସେସ୍‌ର ମଧ୍ୟ ଏଇ ସିଜନରେ ଭଲ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ଏହା ରେଗୁଲାର୍ କ୍ୟାଟ୍ ଆଇ ସନ୍‌ଗ୍ଲାସେସ୍‌ର ଆଡଭାନ୍ସ ଭର୍ସନ ଅଟେ।

## କିଛି ଟିପ୍ସ

–ସନ୍‌ଗ୍ଲାସେସ୍ କିଣିଲାବେଳେ ସବୁବେଳେ ଧ୍ୟାନ ଦେବେ, ଯେମିତିକି ଏହାର ଫ୍ରେମ୍ ଅଧିକ ଭାରି ହୋଇ ନ ଥିବ। ମାର୍କେଟ୍‌ରେ ପ୍ଲାଷ୍ଟିକ୍‌ରୁ ଆରମ୍ଭ କରି ମେଟାଲର ଫ୍ରେମ୍ ମଧ୍ୟ ମିଳୁଛି। ନିଜ ରୁଚି ଅନୁସାରେ ଯେ କୌଣସି ଫ୍ରେମ୍‌ବାଲା ସନ୍‌ଗ୍ଲାସ୍ କିଣି ଆପଣ ଟ୍ରାଏ କରିପାରିବେ।

–କିନ୍ତୁ ସର୍ବଦା ନିଜ ମୁହଁର ଆକାର ଓ ବ୍ୟକ୍ତିତ୍ୱକୁ ସୁହାଇଲା ଭଳି ଉପଯୁକ୍ତ ରଙ୍ଗ ଓ ଡିଜାଇନ୍‌ର ଫ୍ରେମ୍ କିଣିବା ଦରକାର।

–ସେହିପରି ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ସାଧାରଣ ସନ୍‌ଗ୍ଲାସ୍ ତୁଳନାରେ ଭଲ ବ୍ରାଣ୍ଡର ସନ୍‌ଗ୍ଲାସ୍ ବ୍ୟବହାର କରିବା ଦରକାର। କାରଣ ବେଳେବେଳେ ଲୋକାଲ୍ ବ୍ରାଣ୍ଡର ସନ୍‌ଗ୍ଲାସ୍ ବ୍ୟବହାର କରିବା ଦ୍ୱାରା ଆଖି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଥିବା ଦେଖିବାକୁ ମିଳିଥାଏ।

–ତା'ଛଡ଼ା ସନ୍‌ଗ୍ଲାସ୍ ଏପରି ହେବା ଦରକାର, ଯାହା ଆଖିକୁ ଭଲ ଭାବେ ଢାଙ୍କି ରଖିବା ସହ ଏହାର ଓଜନ କମ୍ ହୋଇଥିବ। ସେହିପରି ସ୍କ୍ରାଚ୍ ପ୍ରୁଫ୍ ହୋଇଥିଲେ ଆହୁରି ଭଲ।



# ବିଜୟ ତେନ୍ଦୁଲକର








ଭାରତୀୟ ନାଟ୍ୟ ଚେତନାର ଜଣେ ଅଗ୍ରଣୀ ତଥା ପ୍ରଣମ୍ୟ ପୁରୁଷ ହେଉଛନ୍ତି ବିଜୟ ତେନ୍ଦୁଲକର। ତାଙ୍କର ପୂରା ନାମ ବିଜୟ ଧୋଣ୍ଡୁପନ୍ତ ତେନ୍ଦୁଲକର। ତେବେ ସେ କେବଳ ବିଜୟ ତେନ୍ଦୁଲକର ନାମରେ ଭାରତୀୟ ସାହିତ୍ୟ ଜଗତରେ ଅତି ପରିଚିତ। କେବଳ ନାଟକ ରଚନା କ୍ଷେତ୍ରରେ ତାଙ୍କର ପ୍ରତିଭା ସୀମିତ ନ ଥିଲା। ଅଧିକନ୍ତୁ ସେ ନାଟକ ଲେଖିବା ସହିତ ଚଳଚ୍ଚିତ୍ର ତଥା ଟେଲିଭିଜନ ଜଗତ ସହିତ ସଂଶ୍ଲିଷ୍ଟ ଥିଲେ। ସେତିକିନୁହେଁ, ସେ ଥିଲେ ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ ତଥା ରାଜନୈତିକ ଖବରଦାତା। ପୁଣି ମରାଠୀ ଭାଷାର ସୋସିଆଲ କମେଣ୍ଟେଟର ଭାବରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ନାଟକଗୁଡ଼ିକ ବହୁଭାବରେ ଭାରତୀୟ ଭାଷା ସାହିତ୍ୟକୁ ସମୃଦ୍ଧ କରିଛି। ସେଥିମଧ୍ୟରେ ରହିଛି ସାନ୍ତାନ୍ତା ! କୋର୍ଟ ଚାଲୁଆହେ (ଚୁପ୍ ! କୋର୍ଟ ଚାଲିଛି), ଘାସିରାମ୍ କୋଟୱାଲ, ସଖାରାମ୍ ବିନ୍ଦର ଆଦିକୁ ଗୋଟିଏ ଗୋଟିଏ ମାଇଲଖୁଣ୍ଟ ବୋଲି ଗ୍ରହଣ କରାଯାଇପାରେ। ସାହିତ୍ୟ ସମାଲୋଚକଙ୍କ ମତରେ ବିଜୟ ତେନ୍ଦୁଲକର ଥିଲେ ଜଣେ ବାସ୍ତବବାଦୀ ଲେଖକ। ସେ ତାଙ୍କ ରଚନାର କଞ୍ଚାମାଲ ସଂଗ୍ରହ କରୁଥିଲେ ବାସ୍ତବ ଜୀବନର ଘଟାଟୋପ ମଧ୍ୟରୁ। ସେ ଯେଉଁ ଜୀବନ ବଞ୍ଚୁଥିଲେ ତାହାକୁ ନେଇ ସେ ତାଙ୍କର ସାହିତ୍ୟ ସର୍ଜନା କରୁଥିଲେ। ଗୋଟିଏ ସମୟରେ ସେ ୟୁଏସ୍ ୟୁନିଭର୍ସିଟିରେ ପ୍ଲେ ରାଇଟ୍ ବା ନାଟକ ରଚନାର ଶିକ୍ଷା ପ୍ରଦାନ କରୁଥିଲେ। ଦୀର୍ଘ ପଚାଶ ବର୍ଷରୁ ଅଧିକ କାଳ ଧରି ସେ ମହାରାଷ୍ଟ୍ରର ଜଣେ ପ୍ରତିଭାବାନ୍ ନାଟ୍ୟକାର ତଥା ଥିଏଟର ପର୍ସନାଲିଟି ଭାବରେ ପତିଆରା ବଜାୟ ରଖିଥିଲେ।

**ଜନ୍ମ-ପିଲାବେଳ :** ୧୯୨୮ ମସିହା ଜାନୁୟାରୀ ୬ ତାରିଖରେ ମୁମ୍ବାଇର ଗୁରୁଗାଁଉ ସ୍ଥିତ ଏକ ମରାଠୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ବିଜୟ ତେନ୍ଦୁଲକର। ତାଙ୍କ ବାପା କିରାଣି ଚାକିରି କରିଥିଲେ। ତାଙ୍କର ମଧ୍ୟ ଏକ ବହି ପ୍ରକାଶନ ସଂସ୍ଥା ଥିଲା। ବାପା ବହି ପ୍ରକାଶନ କରୁଥିବାରୁ ତାଙ୍କ ଘରେ ସବୁବେଳେ ଲେଖକମାନଙ୍କର ଭିଡ଼ ଲାଗିରହୁଥିଲା। ପ୍ରଚୁର ବହି ମଧ୍ୟ ଥିଲା। ମୋଟାମୋଟି ଭାବରେ ଘରେ ଏକ ସମାନ୍ତରାଳ ସାରସ୍ୱତ ପରିବେଶ ସୃଷ୍ଟି ହେଉଥିଲା। ଏଭଳି ଏକ ପରିବେଶରେ ବଢ଼ିଥିବା ହେତୁ କିଶୋର ବିଜୟ ତେନ୍ଦୁଲକରଙ୍କ ଭିତରେ ସାହିତ୍ୟ ପ୍ରତି ରୁଚି ବଢ଼ିବାକୁ ଲାଗିଲା। ସେ ଖୁବ୍ କମ୍ ବୟସରେ ବହି ସଂସ୍ପର୍ଶରେ ଆସିଲେ ଓ ତାହାକୁ ପଢ଼ିଲେ। ଏହା ହିଁ ତାଙ୍କୁ ପ୍ରକାରାନ୍ତରେ ଲେଖକ ହେବା ପାଇଁ ପ୍ରଚୋଦିତ କଲା। ପାଶ୍ଚାତ୍ୟ ନାଟକ ଦେଖିଦେଖି ତାଙ୍କର ପିଲାବେଳ ଅତିବାହିତ ହୋଇଥିଲା। ମାତ୍ର ୧୧ବର୍ଷ ବୟସରେ ସେ ତାଙ୍କର ପ୍ରଥମ ନାଟକ ଲେଖିଥିଲେ। କେବଳ ନାଟକ ଲେଖି ନ ଥିଲେ ; ଅଧିକନ୍ତୁ ସେ ତାହାର ନିର୍ଦ୍ଦେଶନା ଦେଇଥିଲେ ଓ ନିଜେ ମଧ୍ୟ ସେଥିରେ ଅଭିନୟ କରିଥିଲେ।

**ପାଠ ଛାଡ଼ିଲେ :** ୧୯୪୨ ମସିହା। ଭାରତରେ ସ୍ୱାଧୀନତା ସଂଗ୍ରାମର ବାତାବରଣ। ତାଙ୍କୁ ୧୪ବର୍ଷ ହୋଇଥାଏ। ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସମ୍ମିଳିତ ହେବା ପାଇଁ ପାଠପଢ଼ା ଛାଡ଼ିଦେଲେ। ଏପରି କି ଘରଦ୍ୱାର, ବନ୍ଧୁବାନ୍ଧବଙ୍କୁ ଛାଡ଼ି ଏକୁଟିଆ ହୋଇଗଲେ। କେବଳ ଲେଖାଲେଖିକୁ ବାଦ୍ ଦେଲେ ସେ ଆଉକିଛି ବୁଝୁ ନ ଥିଲେ। ପ୍ରଚୁର ଲେଖୁଥିଲେ,










ଯଦିଓ ସେ ସେସବୁକୁ ମଞ୍ଚସ୍ଥ କିମ୍ବା ପ୍ରକାଶିତ କରିବାକୁ ଇଚ୍ଛା କରୁ ନ ଥିଲେ। ପାଠପଢ଼ା ଛାଡ଼ିବା ପରେ ସେ ନବଜୀବନ ସଂଗଠନ ନାମକ ଏକ କମ୍ୟୁନିଷ୍ଟ ଗ୍ରୁପ୍ ସହିତ ସମ୍ପୃକ୍ତ ହୋଇଗଲେ। ସାରା ଜୀବନ ସେ ଜଣେ କମ୍ୟୁନିଷ୍ଟ ହୋଇ ରହିଥିଲେ ଆଉ ତାଙ୍କର ରଚନାରେ କମ୍ୟୁନିଷ୍ଟ ଭାବଧାରାର ପ୍ରତିଫଳନ ହୋଇଥିବା ଦେଖିବାକୁ ମିଳିଥିଲା। ଏକଦା ଏ ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ, କମ୍ୟୁନିଷ୍ଟ କର୍ମୀଙ୍କ ଶୃଙ୍ଖଳା ତଥା ସେମାନଙ୍କର ତ୍ୟାଗ ଦ୍ୱାରା ସେ ବହୁଭାବରେ ଅନୁପ୍ରାଣିତ ହୋଇଥିଲେ।

**ଖବରକାଗଜରୁ ନାଟକ :** ବିଜୟ ତେନ୍ଦୁଲକର ଖୁବ୍ କମ୍ ବୟସରୁ ନାଟକ ଲେଖିବା ଆରମ୍ଭ କରିଥିଲେ ମଧ୍ୟ ତାଙ୍କର ପେସାଦାର ରଚନା ଆରମ୍ଭ ହୋଇଥିଲା ଖବରକାଗଜରୁ। ତେବେ ତାଙ୍କର ପ୍ରଥମ ପେସାଦାର ନାଟକ ଥିଲା ଆମଚ୍ୟାବର କୋଣ ପ୍ରେମ କରଣାର, ଇଂଲିଶରେ ଯାହାର ଅର୍ଥ ହୁ ୱିଲ୍ ଲଭ୍ ଅସ୍ ? ଦ୍ୱିତୀୟ ନାଟକ ଥିଲା ଗୃହସ୍ଥ। ତେବେ ଏହି ନାଟକ ଦୁଇଟି ତାଙ୍କୁ ସେତେବେଶି ସଫଳତା ଦେଇ ନ ଥିଲା। ତେଣୁ ସେ ନିରାଶ ହୋଇ ଶପଥ ନେଇଥିଲେ ଯେ, ସେ ଆଉ ନାଟକ ଲେଖିବେ ନାହିଁ। ସାମ୍ବାଦିକତାକୁ ନେଇ କ୍ୟାରିୟର କରିବେ। ତେବେ ସେହି ସମୟ ଭିତରେ ତାଙ୍କ ହାତରୁ ଉତ୍ତୁରିଲା ଏକ ନାଟକ ଯାହାର ଶୀର୍ଷକ ସେ ରଖିଥିଲେ ଶ୍ରୀମନ୍ତ। ଏହି ନାଟକଟି ତାଙ୍କୁ କେବଳ ଜଣେ ନାଟ୍ୟକାରର ମାନ୍ୟତା ଦେଇ ନ ଥିଲା ; ଅଧିକନ୍ତୁ ତତ୍କାଳର ନାଟ୍ୟଧାରାକୁ ବଦଳେଇ ଦେଇଥିଲା। ସେତେବେଳର ରକ୍ଷଣଶୀଳ ସମାଜର ଛାତିରେ ଏହି ନାଟକ ଦେଇଥିଲା ଏକ ଶକ୍ତ ପ୍ରହାର। କୁଆଁରୀ ଝିଅଟିଏ ତା' ପେଟର ସନ୍ତାନକୁ ବଞ୍ଚେଇବାକୁ ନିଷ୍ପତ୍ତି ନେବା ଭଳି ସେତେବେଳର ଏକ ସମ୍ବେଦନଶୀଳ କାହାଣୀକୁ ନେଇ ନାଟକ ଲେଖିବା ତ ଦୂରର କଥା ; ଚିନ୍ତା କରିବା ମଧ୍ୟ ଅନେକଙ୍କ ପାଇଁ ଥିଲା କାଠିକର ପାଠ। ମାତ୍ର ବାମପନ୍ଥୀ ବିଚାରଧାରାରେ ଅଭିମନ୍ତ୍ରିତ ବିଜୟ ତେନ୍ଦୁଲକର ତାହାକୁ ଏକ ସଫଳ ନାଟକରେ ରୂପାନ୍ତରିତ କରିଥିଲେ। ଏ ନାଟକକୁ ଆଜି ବି ମରାଠୀ ସାହିତ୍ୟରେ ଏକ କ୍ରାନ୍ତିକାରୀ ନାଟକ ବୋଲି କୁହାଯାଇଥାଏ।

**ଧାରା ପ୍ରବର୍ତ୍ତକ :** ଜୀବନ ବିଜୟ ତେନ୍ଦୁଲକରଙ୍କ ପାଇଁ ଥିଲା ଏକ ପ୍ରୟୋଗଶାଳା। ସେ ଏକ ନିମ୍ନ ମଧ୍ୟବିତ୍ତର ଜୀବନ ଅତିବାହିତ କରୁଥିଲେ। ସହରାଞ୍ଚଳରେ ନିମ୍ନ ମଧ୍ୟବିତ୍ତ ମଣିଷର ସ୍ଥିତି କେତେ ସଙ୍ଗିନ ତାହାକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ଆଉ ସେ ସେହି ନିମ୍ନ ମଧ୍ୟବିତ୍ତର ଦୁଃଖକୁ ହିଁ କଞ୍ଚାମାଲ ଭାବରେ ଧରି ଆରମ୍ଭ କରିଥିଲେ ନାଟକ ଲେଖା ; ଯାହା ପରବର୍ତ୍ତୀ କାଳରେ କେବଳ ଦର୍ଶକମାନଙ୍କୁ ନୁହେଁ ନାଟକ ଲେଖକମାନଙ୍କୁ ମଧ୍ୟ ବାଧ୍ୟ କରିଥିଲା ସେହି କାହାଣୀରେ ଅନୁପ୍ରାଣିତ ହେବା ପାଇଁ। ଏମିତିକି ଥିଏଟର ମାଲିକମାନେ ଚାହିଁଲେ ନିମ୍ନ ମଧ୍ୟବିତ୍ତର ସଂଘର୍ଷ ଆଉ ସଂଘାତକୁ ନେଇ ନାଟକ କରିବାକୁ। କହିବା ବାହୁଲ୍ୟ, ବିଜୟ ତେନ୍ଦୁଲକରଙ୍କ ଠାରୁ ହିଁ ବଦଳିଗଲା ମରାଠୀ ନାଟ୍ୟ ସାହିତ୍ୟର କାହାଣୀ ଧାରା।

୨୦୦୮, ମେ' ୧୯ ତାରିଖରେ ଏହି ଯୋଗଜନ୍ମା ପ୍ରତିଭାଙ୍କର ପରଲୋକ ଘଟିଥିଲା।



## କିଏ ତୁ ?

–ସୁଜାତା ପଲାର

ବନ୍ଧ ବାଡ ମାନୁ ନାହିଁ
କୁଳୁକୁଳୁ କୁଆଁରୀ ନଈ ତୁ,
କେତେ କଥା କହିଯାଉ,
ଖାଲ ଢିପ ଡେଇଁ ଡେଇଁ
ମନଇଚ୍ଛା ଚାଲିଯାଉ ବହି ବହି ତୁ ॥

ତୁ ଗୋଟେ ଗେହ୍ଲା ଝିଅ ଅଝଟ ଅଝଟ
କେବେ ପୁଣି ଆଷାଢ ଆକାଶର ମେଘ,
କେବେ ଝରା ଶ୍ରାବଣର ଧାର
କେବେ ପୁଣି ରଡ ବଇଶାଖ ॥

ପଥବଣା ପଥିକର ଚଲାପଥ ତୁ,
ତୋର ପୁଣ୍ୟସ୍ପର୍ଶ ଦିଏ ସବୁଜ ଜୀବନ,
ତୁ କ'ଣ ମୋ ମନର ପାରିଜାତ,
ନା, ପୂନେଇଁ ରାତିର ଜହ୍ନ, ଅନୁରାଗେ
ଅନୁରକ୍ତ ?
ତୁ ବୋଧେ ନିଃସର୍ତ୍ତ ପବିତ୍ର ସଂପର୍କ,
ଆସୁ ଫୁଲର ଦୋଳିରେ,
ଆସୁ ଶୀତୁଆ ସଂଜରେ,
ଭରିଦେଇ ଅଙ୍ଗେ ଅଙ୍ଗେ
ଅଜଣା ପୁଲକ ॥

ତୁ ଗୋଟେ ଅନୁଭବ
ତୁ ଅଜଣା ଅନୁଭୂତି,
କେବେ ମାନ, କେବେ ଅଭିମାନ,
କେବେ ପୁଣି ଗୋଲାପୀ ସପନ ।
ବଂଚିବାର ଆଶା ଦେଉ ।
ତୁ ବୋଧେ ପ୍ରେମ ?

–ବାଲିପଡା, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡା,



## ସମ୍ଭାବନା

– ସୁଧୀର କୁମାର ଦାସ

ବାତ୍ୟା ଆସିଲା
ନିମିଷକେ ଉଜାଡ଼ିଦେଲା
ଭାଙ୍ଗିଦେଲା ସ୍ୱପ୍ନର ସଂସାର
ଜଣେଇଦେଲା ତା'ର କ୍ଷମତା ।
ଥିଲାବାଲା ବି ଆଁ ମେଲାଇ ପଡ଼ିଛନ୍ତି
ଧୈର୍ଯ୍ୟ ଗୋଟାପଣେ ଥରୁଛି
ବାତ୍ୟା ଦୁଃଖ ଦେଇଗଲା
ହେଲେ ଶିଖାଇଲା ବଞ୍ଚିବାର ସଂଘର୍ଷ
ଆଉ କହିଗଲା ସମ୍ଭାବନା ଭିତରେ ହିଁ
ଅନେକ ସମ୍ଭାବନା ।

– ତରାବୋଇ, ଜଟଣୀ, ଖୋର୍ଦ୍ଧା

## କେବେ ଆସିବ....

–ଶିବସୁନ୍ଦର ରାଉତ

କେବେ ଆସିବ ସେଦିନ
ନ ଥିବ ବର୍ଷା ନ ଥିବ ଶିଶିର
ଭିଜିଯାଉଥିବ ତୋ ମନ ମୋ ମନ ।
କେଉଁ ସାଗରର କେଉଁ ଶାମୁକାରେ
ଲୁଚି ରହିଅଛ ପ୍ରିୟା
ତୁମ ବିନା ମୋର ହୃଦୟ ପୃଥିବୀ
ପାଲଟିଛି ଶୁଷ୍କକାୟା ।
ବସିଛି ମୁଁ ତୁମ ବାଟ ଚାହିଁ
ଏ ପର୍ଯ୍ୟନ୍ତ ମୋ ଅପେକ୍ଷାର ଅନ୍ତ ନାହିଁ
ତୁମେ ଆସିଲେ କିଣିବି ସେ ନୀଳ
ଆକାଶକୁ
ତହିଁ ଉଡ଼ିବା କେବଳ ତମେ ଆଉ ମୁଁ
ମୁକ୍ତାକାଶରେ ଖୋଲା ମନ ନେଇ
ଗୋଟିଏ ପକ୍ଷୀର ଦୁଇଡେଣା ହୋଇ ।
ଗଢ଼ିବା ଯେ ଏକ ନୂଆ ପୃଥିବୀ
ତୋର ମୋର ଛାଇ ବ୍ୟତୀତ ଆଉ
ଯହିଁ ନ ଥିବେ କେହି ।
ତୋ ଆଗମନେ ମୋ ମନ ରାଜ୍ୟେ
ମୋ ହୃଦୟ ପଙ୍କରୁ ହେବ ପଦ୍ମ ବିଜେ
ଆସ.....ଆସ...ହେ ପ୍ରିୟତମା
ଶୀଘ୍ର ଏଇ ତୃଷିତ ପ୍ରେମିକ ପାଖକୁ ଡେରି
କରନାହିଁ ଜମା
ଅପେକ୍ଷାରେ ...,
ଇତି ତୁମର ପ୍ରେମିକ........
ଇତି ତୁମର ପ୍ରେମିକ......... ।

–କତରଲଗା,ମୁରିବାହାଲ, ବଲାଙ୍ଗୀର

# ଫନୀ, ମୋ ସ୍ତ୍ରୀ ଓ ଗାଁ..

–ଇଂ. ସନ୍ୟାସୀ ପଣ୍ଡା

ଭୁବନେଶ୍ୱରରେ ଚାକିରି। ବହୁଦିନ ହେଲା ଗାଁକୁ ଯାଇ ନ ଥିଲି। ଦୁଇବଖୁରିଆ ଛାତଘରେ ବାପାବୋଉ ଏକା ଏକା। ଗାଁକୁ ଆସିବା ପାଇଁ ଯେବେ ବି ଇଚ୍ଛା ହୁଏ ଠିକ୍ ସେତିକିବେଳେ ରୋଗ ବଇରାଗର ଆଳ ଦେଖାଇ ସ୍ତ୍ରୀ ଏମିତି ହଙ୍ଗାମା ସୃଷ୍ଟି କରିବେ ଯେ ମନ ଆଉ ଆଗାଏନା। ମୂଳ କଥାଟି ହେଉଛି ସ୍ତ୍ରୀର ଏକା ଜିଦ୍, ବାପାବୋଉଙ୍କୁ କୋଉ ବୃଦ୍ଧାଶ୍ରମରେ ଛାଡ଼ିଦିଆ, ଗାଁର ଜମିବାଡ଼ି ବିକି ଏଇ ଭୁବନେଶ୍ୱରରେ ଏକ ପ୍ଲଟ୍ କିଣ ।

ଏଥିରେ ମୁଁ ଆଦୌ ରାଜି ନୁହେଁ। ତେଣୁ ଘରେ ସବୁବେଳେ ସ୍ୱାମୀ ସ୍ତ୍ରୀ ଭିତରେ ଝଗଡ଼ା । ତେଣେ ବାପ ମା ବି ମୋ ଉପରେ ଅଶାନ୍ତି ନିଶ୍ଚେ ହେଉଥିବେ। ହେ ବୁଢ଼ୀ ଜାଗୁଲେଇ ! ମୋତେ କେମିତି ଏଥିରୁ ଉଦ୍ଧାରକର–ଗ୍ରାମଦେବତୀଙ୍କୁ ମନେ ମନେ ବହୁ ଡାକେ ।

ଫନୀ ପରେ ସହରଟା ଶ୍ରୀହୀନ ହୋଇଯାଇଛି। ସବୁଜିମା ଧ୍ୱସ୍ତବିଧ୍ୱସ୍ତ। ପାଣି ନାହିଁ, ଲାଇଟ୍ ନାହିଁ, ଟିଭି ନାହିଁ, ମୋବାଇଲ ନାହିଁ। ଚାରିଆଡ଼େ ଅନ୍ଧାର। ମଣିଷ ଏବେ ଅସହାୟ । ଯାହା ଯେମିତି କରି ଚଳିହୋଇଯିବ, ହେଲେ ଚାରିପ୍ରାଣୀ ପରିବାରଙ୍କ ପାଇଁ ଟଏଲେଟ୍ ନିମନ୍ତେ ପାଞ୍ଚ ବାଲ୍‌ଟି ପାଣି ତ ନିଶ୍ଚିତ ଦରକାର । ବାତ୍ୟା ପରଦିନ ଅଡ଼ୋଶୀ ପଡ଼ୋଶୀ ପ୍ରାୟ ସଭିଏଁ ଗାଁକୁ ପଳେଇଲେଣି । ଏବେ ସ୍ତ୍ରୀଙ୍କ ମଗଜରେ ସେତକ ପଶିଯାଇଛି ।

ମୁହଁ ସଞ୍ଜ ହୋଇ ଆସୁଥିଲା । ବସ୍‌ରୁ ଗାଁ ମୁଣ୍ଡରେ ଓହ୍ଲାଇଲୁ ମୁଁ, ମୋ ସ୍ତ୍ରୀ ଆଉ ମୋ ୧୦ ବର୍ଷର ପୁଅ ବାପି । ଅଗଣାରେ ଥିବା ଚଉରା ମୂଳେ ହାତେ ଲମ୍ବର ଓଢ଼ଣୀ ଦେଇ ସଞ୍ଜବତି ବୁଲାଉଥିଲା ମୋ ବୋଉ । ଯେମିତି ନଜର ପଡ଼ିଯାଇଛି ବତିଟିକୁ ସେମିତି ତଳେ ଥୋଇ ଦେଇ ଆମ ଆଡ଼କୁ ନାଚି ନାଚି ଦୌଡ଼ି ଆସିଲା । ଲାଗୁଥିଲା ସତେ ଯେମିତି ବୃନ୍ଦାବତୀ ତା' ଡାକ ଶୁଣିଛନ୍ତି ।

ନାତିକୁ ଜାବୁଡ଼ି ଧରି ବେଶ୍ ବାଉଳି ଖାଇଲା । 'ବୋହୂ ମୋର ଶୁଖି କଣ୍ଟା ହୋଇଗଲାଣି' ବୋଲି କହି ଆଖିରୁ ଲୁହ ଝରେଇଲା । ମୋ ସ୍ତ୍ରୀ ନାକ ସୁଁ ସୁଁ କରି କାନ୍ଦିଲା । ମୁଁ ବୋଉର ପାଦଧୂଳି ନେଇ ମୁଣ୍ଡିଆ ମାରିଲି । ବାରଣ୍ଡାରେ କାନ୍ଥକୁ ଆଉଜି ବସିଥାନ୍ତି ବାପା । ପାଟି ଖୋଲୁ ନ ଥିଲେ, ଆଖି କିନ୍ତୁ ଆମକୁ ସ୍ୱାଗତ କରୁଥିଲା ।

ଏବେ ସହରକୁ ଲାଇନ ଆସିଲାଣି । ଜୀବନଯାତ୍ରା ସହଜ ହୋଇଗଲାଣି । ଗାଁରେ ରହିବା ଦଶରୁ ପନ୍ଦର ଦିନ ହୋଇଗଲାଣି । ସ୍ତ୍ରୀକୁ ଡାକି କହିଲି–କାଲି ତା'ହେଲେ ବାହାର ।

ତୁମେ ଯାଅ–ଆଉ ହଁ, ଆସିଲା ବେଳକୁ ବାପିର ଟିସିଟା ନେଇଆସିବ। ଗାଁ ସ୍କୁଲରେ ତା ' ନାଁ ଲେଖାଇଦେବା। ବାପାବୋଉଙ୍କୁ ଛାଡ଼ି ଭୁବନେଶ୍ୱର ଯିବାକୁ ମୋର କାହିଁକି ଇଚ୍ଛା ହେଉନି।

ଓଳିଏ ସ୍ତ୍ରୀ ମୁହଁକୁ ଚାହିଁଲି। ଯୋଉ କଥାଟି ତାଙ୍କୁ କହିପାରୁ ନ ଥାଏ, ସେ କଥାଟି ଆପଣମାନଙ୍କୁ କହୁଛି। ଗାଁରେ ବିଶେଷକରି ଶାଶୁ ପାଖରେ ଚଳିପାରିବ ନାହିଁ ବୋଲି ଏଇ ସ୍ତ୍ରୀ କଥାରେ ବାପା–ମା'ଙ୍କୁ ଛାଡ଼ି ଅଳ୍ପ ଦରମାରେ ବହୁ କଷ୍ଟରେ ସହରରେ ରହୁଥିଲି। ହେଲେ ଆଜି ମୋ ସ୍ତ୍ରୀ... ।

ଫନୀ.. ତୁମକୁ ବାରବାର ପ୍ରଣାମ । ସୁବିଧା ଦେଖି ଆଉ ଥରେ ଆସିବ ଯେମିତି। ନିମନ୍ତ୍ରଣ ରହିଲା ତୁମକୁ। ତୁମକୁ କେହି ସ୍ୱାଗତ କରୁ କି ନ କରୁ ମୁଁ କିନ୍ତୁ ନିଶ୍ଚିତ କରିବି।

–ପ୍ରିନ୍ସିପାଲ, ଆପେକ୍ସ ଆଇଟିଆଇ, କଟକ




ଅଜୟ-ତବୁ

# ଅଜୟ୍ ଯାହା ଚାହୁଁଥିଲେ..

ଅଜୟ ଦେବଗନ ଯାହା ଚାହୁଁଥିଲେ ତାହା ଅସିନା ପୂରଣ ହୋଇଗଲା, ହେଲେ ଫିଲ୍ମଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇନାହିଁ। କଥା କ'ଣ କି ନିକଟରେ ଅଜୟଙ୍କ ଅଭିନୀତ 'ଦେ ଦେ ପ୍ୟାର ଦେ' ରିଲିଜ ହୋଇଛି। ହେଲେ ଏହାର ଓପନିଂ ରେସପନ୍ସକୁ ଦେଖି ଅଜୟଙ୍କ ମନ ଦୁଃଖୀ। ଫିଲ୍ମଟି ଆରମ୍ଭରୁ ଭଲ ବିଜନେସ କରିପାରି ନାହିଁ। ହେଲେ ଏଥିରେ ତାଙ୍କର ଏକ ଆଶା ପୂରଣ ହୋଇଛି। 'ଦେ ଦେ ପ୍ୟାର ଦେ'ର ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାରେକ୍ଟରରେ ତବୁ ଅଭିନୟ କରନ୍ତୁ ବୋଲି ସେ ଚାହୁଁଥିଲେ। ହେଲେ ସେ ଏକଥା ପ୍ରଯୋଜକ ଭୂଷଣ କୁମାରଙ୍କୁ କହିବା ପୂର୍ବରୁ ପ୍ରଯୋଜକ ଏହି ଭୂମିକା ପାଇଁ ତବୁଙ୍କୁ ସାଇନ୍ କରାଇ ସାରିଥିଲେ। ଏ ବିଷୟରେ ଜାଣିବା ପରେ ଅଜୟଙ୍କ ଖୁସି ବନ୍ଧବାଡ ମାନି ନ ଥିଲା। ସେପଟେ ତବୁ ଏ କଥା ଜାଣିବା ପରେ ଅଜୟଙ୍କୁ ପ୍ରଶଂସା କରିବାକୁ ଭୁଲି ନାହାନ୍ତି। ଅକିଭ ଅଲ୍ଲୀଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମରେ ତାମିଲ ଅଭିନେତ୍ରୀ ରକୁଲ୍ ପ୍ରୀତ୍ ସିଂ ମଧ୍ୟ ଅଭିନୟ କରିଛନ୍ତି।

# ପରଦା ପଛରେ ଶନାୟା


ଶନାୟା

ଆଉ ଜଣେ ଷ୍ଟାର କିଡ୍ ଖୁବ୍‌ଶୀଘ୍ର ବଲିଉଡ୍‌ରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ହେଲେ ସେ ଅଭିନୟ କରିବେ ନାହିଁ। ପରଦା ପଛରେ ରହି ନିଜ ଦାୟିତ୍ୱ ତୁଲାଇବେ। ସେ ହେଲେ ଅଭିନେତା ସଞ୍ଜୟ କପୁରଙ୍କ ଝିଅ ଶନାୟା। ଜଣେ ସହ-ନିର୍ଦ୍ଦେଶିକା ଭାବରେ ସେ ନିଜ କ୍ୟାରିୟର ଆରମ୍ଭ କରୁଛନ୍ତି। ଆଉ ଏହାକୁ ନେଇ ସଞ୍ଜୟଙ୍କ ଖୁସି କହିଲେ ନ ସରେ। ଏବେ ଶନାୟା ଏକ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏ ସମ୍ପର୍କରେ ସେ କହନ୍ତି, "ମୁଁ ସବୁବେଳେ ମୋ କାମରେ ବିଶ୍ୱାସ କରେ। ଏବେ ଲକ୍ଷ୍ନୌରେ ଶୁଟିଂ ଚାଲିଛି ଆଉ ସେଠାରେ ତାପମାତ୍ରା ପ୍ରାୟ ୪୧ ଡିଗ୍ରୀ ରହୁଛି। ତେଣୁ ପ୍ରବଳ ଖରାରେ କାମ କରିବାକୁ ପଡୁଛି, ହେଲେ ତାହାକୁ ଦେଖି ମୁଁ ଡରି ଯାଉନି। ଏହି ଫିଲ୍ମଟି ଗୁଞ୍ଜନ ସକ୍‌ସେନାଙ୍କ ଜୀବନୀ ଉପରେ ଆଧାରିତ। ସବୁଠାରୁ ଖାସ୍ କଥା ହେଲା, ଏହାର ଟାଇଟଲ ରୋଲରେ ଜାହ୍ନବୀ (କପୁର) ଅଭିନୟ କରୁଛନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ମୁଁ ବିଦେଶରେ ତିନି ବର୍ଷ ଧରି ନିର୍ଦ୍ଦେଶନା କୋର୍ସ କରିଛି। ବର୍ତ୍ତମାନ ମୁଁ ବଲିଉଡ୍‌ରେ ନୂଆ। କାମ କରି ଅଭିଜ୍ଞତା ହାସଲ କରିବା ମୋର ପ୍ରଥମ ଲକ୍ଷ୍ୟ। ଆଦୌ ତରତର ହୋଇ ଆଗେଇବି ନାହିଁ। ମୋର ପ୍ରତିଟି କାମରେ ପାପା ଛାଇ ପରି ଠିଆ ହୋଇଛନ୍ତି।" ତେବେ ଜଣେ ସହ-ନିର୍ଦ୍ଦେଶିକା ଭାବରେ ଶନାୟା କେତେ ସଫଳ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

# ଡ୍ରିମ ଗର୍ଲ ନୁଶରତ୍


ନୁଶରତ୍

ବଲିଉଡ୍‌ର ଡ୍ରିମ ଗର୍ଲ ଭାବରେ ହେମା ମାଳିନୀ ପରିଚିତା। କାରଣ ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିବା ପରେ ତାଙ୍କୁ ଅନେକ ଡ୍ରିମଗର୍ଲ ଭାବରେ ସମ୍ବୋଧନ କରିଥିଲେ। ହେଲେ ଏବେ ଆଉଜଣେ ଡ୍ରିମ୍ ଗର୍ଲଙ୍କୁ ପରଦା ଉପରେ ଦେଖିବାକୁ ମିଳିବ। ସେ ହେଲେ ନବାଗତା ନୁଶରତ୍ ଭରୁଚା। ଗତବର୍ଷ ରିଲିଜ ହୋଇଥିବା 'ସୋନୁ କେ ଟିଟୁ କି ସ୍ୱିଟି'ର ନାୟିକା ଭୂମିକାରେ ସେ ଅଭିନୟ କରିବା ସହ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଫିଲ୍ମଟି ଭଲ ବିଜ୍‌ନେଶ କରିଥିଲା। ତାଙ୍କୁ ପୁଣି ଥରେ ଚଳଚ୍ଚିତ୍ରରେ ସୁଯୋଗ ମିଳିଛି ଏବଂ ସେହି ଫିଲ୍ମର ଶୀର୍ଷକ ରହିଛି 'ଡ୍ରିମ ଗର୍ଲ'। ଏଥିରେ ନୁଶରତ୍‌ଙ୍କ ନାୟକ ସାଜିଛନ୍ତି ଆୟୁଷ୍ମାନ ଖୁରାନା। ଏହି ଫିଲ୍ମ ସମ୍ପର୍କରେ ନୁଶରତ୍ କହନ୍ତି, ଏବେ ଲଗାତର ଦୁଇଟି ଫିଲ୍ମ-'ଡ୍ରିମ ଗର୍ଲ' ଏବଂ 'ତୁରମ ଖାଁ'ର ଶୁଟିଂ ଚାଲିଛି। ଫିଲ୍ମଦ୍ୱୟରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛି। ପୁଣି ଏହି ଫିଲ୍ମଦୁଇଟି ଚଳିତବର୍ଷ ହିଁ ରିଲିଜ ହେବ। 'ଡ୍ରିମ୍ ଗର୍ଲ'ରେ ଜଣେ ସାଧାରଣ ଝିଅ କିପରି ବଡ ସ୍ୱପ୍ନ ପଛରେ ଧାଇଁଛି ଏବଂ ତାହାର ଫଳାଫଳ କ'ଣ ହେଉଛି ତାହା ଦେଖିବାକୁ ମିଳିବ। ଅଭିନୟରେ ମୋର ତ୍ରୁଟିକୁ ମୁଁ ସବୁବେଳେ ଗୁରୁତ୍ୱ ଦିଏ ଏବଂ ତାହାକୁ ସୁଧାରିବାକୁ ଚେଷ୍ଟା କରେ। ତେବେ ବଲିଉଡ୍‌ରେ ନାୟିକା ଦୌଡରେ ନୁଶରତ୍ ସାମିଲ ହୋଇପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।


ଦିଶା

# ବିକିନୀ ଡର

ଦିଶା ପଟାନିଙ୍କୁ ଏବେ ଗୋଟିଏ ଡର ଘାରିଛି। କାରଣ ଲଗାତର ଏପରି ଦୁଇଟି ଅଫର ପାଇବା ପରେ ତାଙ୍କ ମନରେ ଏହାକୁ ନେଇ ଛନକା ପଶିଯାଇଛି। ହେଲେ ତାହା କ'ଣ ଜାଣନ୍ତି ? ବିକିନୀ। କଥା କ'ଣ କି ନିକଟରେ ତାଙ୍କୁ ଜଣେ ନୂଆ ପ୍ରଯୋଜକ ତାଙ୍କ ସିନେମାର ଲିଡ୍ ରୋଲ୍‌ରେ ଅଭିନୟ କରିବାକୁ ଅଫର ଦେଇଥିଲେ। ଫିଲ୍ମର କାହାଣୀ ଶୁଣିବା ପରେ ତାଙ୍କ ମୁହଁରେ ହସ ଫୁଟି ଉଠିଥିଲା। ହେଲେ କିଛି ସମୟ ପରେ ସେ ଗୁମସୁମ ହୋଇଯାଇଥିଲେ। କାରଣ ଏଥିରେ ଗୋଟିଏ ସିନ୍‌ରେ ତାଙ୍କୁ ବିକିନୀ ପିନ୍ଧିବାକୁ ପଡିବ ବୋଲି ପ୍ରଯୋଜକ କହିବା ପରେ ତାଙ୍କ ମୁହଁରୁ ହସ ଉଡିଯାଇଥିଲା। କେବଳ ସେତିକି ନୁହେଁ ବିଳମ୍ବ ନ କରି ସେ ଏହି ଅଫରକୁ ରେଡ୍ ସିଗନାଲ ଦେଖାଇଥିଲେ। ପୁଣି ଏପରି ସଂଯୋଗ ଯେ ଆଉ ଏକ ଅଫରରେ ବିକିନୀ କଥା ଉଠିବା ମାତ୍ରେ ସେ ସିଧାସଳଖ ବିକିନୀ ପିନ୍ଧିବେ ନାହିଁ ବୋଲି ମନା କରିଦେଇଥିଲେ। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା, ସବୁବେଳେ ବୋଲ୍ଡ ଡ୍ରେସ୍‌ରେ ନଜରକୁ ଆସୁଥିବା ଦିଶାଙ୍କୁ ବିକିନୀ କେମିତି ଟେନ୍‌ଶନ ହେବ।


ସୁମନ ପ୍ରିୟା-ପ୍ରୀତ୍

# ପ୍ରେମରୁ ଆରମ୍ଭ ପ୍ରେମରେ ଶେଷ

ପ୍ରେମର ଆରମ୍ଭ ଖୁସିରୁ ହୋଇଥାଏ। ହେଲେ ଏହି ଖୁସିକୁ ଶେଷ ପର୍ଯ୍ୟନ୍ତ ବଜାୟ ରଖିବାକୁ ହେଲେ ବେଶ୍ କାଇଦା ଅବଲମ୍ବନ କରିବାକୁ ପଡିଥାଏ। ଯଦି ପ୍ରେମର ଗଣିତ କଷିବାରେ ଟିକେ ଓଲମ ବିଲମ ହୋଇଗଲା ତେବେ ସବୁ ଶେଷ। ସେଭଳି ପ୍ରେମଠାରୁ ସଫଳତା ଆଶା କରିବା କଷ୍ଟକର ହୋଇପଡେ। ହେଲେ କେତେକ ପ୍ରେମର ହାପି ଏଣ୍ଡିଂ ହୋଇଥାଏ। ଦେବ ଜଣେ ସାଧାରଣ ପିଲା। ତେବେ ପ୍ରେମରେ ପଡିଗଲା ପରେ ସେ ସେଥିରୁ ମୁକୁଳି ପାରିନି। ଘାତ ପ୍ରତିଘାତ ଭିତରେ ତା' ପ୍ରେମ ଗତି କରିଛି। ହେଲେ ତା'ର ଦୃଢ଼ ବିଶ୍ୱାସ ରହିଛି ଯେ ଏହି ପ୍ରେମ ନିଶ୍ଚୟ ସଫଳ ହେବ। ତେବେ ଏହାର ପରିଣାମ କ'ଣ ହୋଇଛି ତାହାକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ବୈଶାଳୀ'। ବୈଶାଳୀ ପ୍ରଡକ୍ସନ ବ୍ୟାନରରେ ଚିତ୍ରଟିର ଏଡିଟିଂ କାମ ଚାଲୁ ରହିଛି। ସୁଧୀର କୁମାର ଫିଲ୍ମର ପ୍ରଯୋଜନା କରିଛନ୍ତି ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଶୁତୋଷ (ବାବୁଦା)। ଏକ ଭିନ୍ନ ଧରଣର ପ୍ରେମ କାହାଣୀ ରଚନା କରିଛନ୍ତି ଅଜୟ ସାମଲ। ଡ. ନିର୍ମଳ ନାୟକଙ୍କ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଫିଲ୍ମଟିର ମେଲ୍ ଲିଡ୍‌ରେ ଅଛନ୍ତି ଅଭିଷେକ ଏବଂ ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ସୁମନ ପ୍ରିୟା। ଅପରପକ୍ଷରେ ନବାଗତ ପ୍ରୀତ୍, ବିଜୟ ମହାନ୍ତି, ଅପରାଜିତା ମହାନ୍ତି, ପୃଥ୍ୱୀରାଜ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ରବି ମିଶ୍ର, ମନୀଷା ମିଶ୍ର, ଅସୀତ ପତି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟି ଚଳିତବର୍ଷ ରଥଯାତ୍ରାରେ ପରଦା ଉପରକୁ ଆସିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଆଲିୟା

# ଆସନ୍ତା ବର୍ଷକୁ ଅପେକ୍ଷା

ପଞ୍ଝ ଘୁଞ୍ଚି ଘୁଞ୍ଚି ଯିବା ପରି 'ସଡକ୍-୨'ର ରିଲିଜ ଡେଟ୍ ଆଗକୁ ଗଡି ଚାଲିଛି। ଚଳିତବର୍ଷ ଏହା ପରଦା ଉପରକୁ ଆସିବାର ଥିଲା। ହେଲେ କେତେକ କାରଣରୁ ମୁକ୍ତିଲାଭ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ପ୍ରଯୋଜନା ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ଫିଲ୍ମଟି ଆସନ୍ତାବର୍ଷ ଜୁଲାଇ ୧୦ରେ ରିଲିଜ ହେବ। ଏକଥା ଶୁଣିବା ପରେ କାହାକୁ କେମିତି ଲାଗିଛି ତାହା ଅଲଗା କଥା, ହେଲେ ଏହାର ନାୟିକା ଆଲିୟାଙ୍କ ମନ ଦୁଃଖୀ। କାହାକୁ ବା ସେ ଏକଥା କହିବେ ? କାରଣ ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମହେଶ ଭଟ୍ଟ। "ଏହି ଫିଲ୍ମର ଶୁଟିଂ ଏବେ ଚାଲିଛି। ଅବଶ୍ୟ ଏହାର ରିଲିଜ ଡେଟକୁ ନେଇ ଆଲୋଚନା ହେଉଛି। ଯା ଭିତରେ ୨-୩ ଥର ଡେଟ୍ ଚେଞ୍ଜ ହୋଇଛି ସତ ହେଲେ ଫିଲ୍ମଟି ଆସନ୍ତା ବର୍ଷ ଜୁଲାଇ ୧୦ରେ ହିଁ ରିଲିଜ ହେବ। ତାକୁ ନେଇ ଅଧିକ ଆଲୋଚନା କରିବା ଠିକ୍ ନୁହେଁ ବୋଲି ମୁଁ ଭାବୁଛି।" ଏହି ଫିଲ୍ମରେ ଆଲିୟା ଭଟ୍ଟଙ୍କ ବ୍ୟତୀତ ଆଦିତ୍ୟ ରୟ କପୁର, ସଞ୍ଜୟ ଦତ୍ତ, ପୂଜା ଭଟ୍ଟ ଅଭିନୟ କରୁଛନ୍ତି। ୧୯୯୧ରେ ନିର୍ମିତ ତଥା ସଞ୍ଜୟ ଦତ୍ତଙ୍କ ଅଭିନୀତ 'ସଡକ' ସେ ସମୟରେ ହିଟ୍ ହୋଇଥିଲା।

ପ୍ରଥମ ରୋଜଗାର



# ରୋଜଗାର ଟଙ୍କାରେ ଔଷଧ କିଣୁଥିଲି

**ହୋମିଓପାଥି ଡାକ୍ତର ତଥା ସାମାଜିକ କର୍ମୀ ପ୍ରେମଲତା ଦେବୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

**ବା**ଣପୁର ଗମ୍ଭାରିମୁଣ୍ଡା ପଞ୍ଚାୟତ ଅଧୀନ କରଡ଼ାପଲି ଗାଁରେ ମୋର ଜନ୍ମ। ମୋ ବାପା ଡା. ନାରାୟଣ ମାନସିଂହ ଥିଲେ ଜଣେ ବିଶିଷ୍ଟ ହୋମିଓପାଥି ଡାକ୍ତର। ତାଙ୍କ ପାଖେ ରହି ମୋର ମଧ୍ୟ ହୋମିଓପାଥି ଔଷଧ ସମ୍ପର୍କରେ କିଛିଟା ଜ୍ଞାନ ହୋଇଯାଇଥିଲା। ତେବେ ବାଣପୁର ବାଳିକା ଉଚ୍ଚ ବିଦ୍ୟାଳୟରୁ ୧୯୫୫ ମସିହାରେ ମାଇନର୍ ପାସ୍ କରିବା ପରେ ୧୯୫୮ରେ ମୋ ବାହାଘର ହେଲା। କୁହୁଡି ପାଟଣାସାହିରେ ଥିଲା ମୋ ଶାଶୁଘର। ମୋ ଶ୍ୱଶୁର ରଘୁନାଥ ପରିଡ଼ା ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ। ତାଙ୍କରି ପ୍ରେରଣାରେ ବାଣପୁର ଗୋପୀକାନ୍ତପୁରକୁ ଚାଲିଆସି ପୁଣି ପଢିବା ଆରମ୍ଭ କଲି। ମାଟ୍ରିକ୍ ଯାଏ ପଢିଲା ପରେ ହୋମିଓପାଥି ଉପରେ ଏକ କୋର୍ସ କଲି। କୋର୍ସ ସରିବା ପରଠୁ ଆଜିଯାଏ ମୁଁ ରୋଗୀମାନଙ୍କର ହୋମିଓପାଥି ଚିକିତ୍ସା କରିଆସୁଛି। ବିଶେଷକରି ପାରାଲିସିସ୍ ରୋଗୀଙ୍କର ଚିକିତ୍ସା କରିବାରେ ମୋର ସ୍ୱତନ୍ତ୍ରତା ରହିଛି। ରୋଗୀ ସେବା କରିବା ହେଉଛି ମୋର ଧର୍ମ। ଏଥିପାଇଁ ମୁଁ କେବେ କୌଣସି ପାଉଣାକୁ ଆଶା କରେନାହିଁ। ଯିଏ ଯାହା ଖୁସିରେ ଦିଅନ୍ତି, ତାକୁ ହିଁ ଆଶୀର୍ବାଦ ଭାବି ରଖେ। ଆଉ ଯଦି କାହା ପାଖେ ପଇସାପତ୍ର ନ ଥାଏ, ତା'ହେଲେ ତାଙ୍କୁ ଆର୍ଥିକ ସହାୟତା ମଧ୍ୟ କରେ। ତେବେ ପ୍ରଥମେ ପ୍ରଥମେ ଯେବେ ରୋଗୀ ଚିକିତ୍ସା ଆରମ୍ଭ କରିଥିଲି, ସେତେବେଳେ କିଏ ମୋତେ ୨୫ ପଇସା ତ କିଏ ୫୦ ପଇସା ଦେଉଥିଲେ। ତାକୁ ମୁଁ ସାନ ଭାଇଭଉଣୀ ଓ ଦିଅରମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲି। ଯଦି କେବେ କିଛି ପଇସା ବଳି ଯାଉଥିଲା, ସେଥିରେ ହୋମିଓପାଥି ଔଷଧ କିଣି ଆଣୁଥିଲି। ରୋଗୀ ସେବା ବାଦ୍ ୧୯୬୧ରୁ ୧୯୭୧ ମସିହା ଯାଏ ଅନ୍ତରକିଆରୀ ପଲ୍ଲୀ ନାରୀ ମଙ୍ଗଳ ମହିଳା ସମିତିର ପ୍ରେସିଡେଣ୍ଟ, ୧୯୬୭ରୁ ୧୯୮୧ ଯାଏ ବାଣପୁର ବ୍ଲକ ନନ୍ଦପୁର ଗ୍ରାମପଞ୍ଚାୟତର ସରପଞ୍ଚ, ୧୯୮୪ରୁ ୧୯୮୮ ପର୍ଯ୍ୟନ୍ତ କୃଷିଋଣ ସେବା ସମବାୟ ସମିତିର ପ୍ରେସିଡେଣ୍ଟ ଏବଂ ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ବାଣପୁର ବ୍ଲକର ଚେୟାରମ୍ୟାନ୍ ଦାୟିତ୍ୱ ମଧ୍ୟ ତୁଲାଇଥିଲି। ଆଗରୁ ରୋଗୀମାନଙ୍କ ଘରକୁ ଯାଇ ରୋଗୀ ସେବା କରୁଥିଲି କିନ୍ତୁ ବୟସ ବଢିବାରୁ ଆଉ ଯାଇପାରୁନି। ଏବେ ଘରେ ଗୋଟିଏ କ୍ଲିନିକ୍ ଖୋଲି ରୋଗୀ ସେବା କରୁଛି। ଜୀବନରେ ଆଗକୁ ବଢିବା ପାଇଁ ମୋ ବାପା ଓ ଶ୍ୱଶୁରଙ୍କ ସମେତ ମୋ ବୋଉ ନିଶାମଣି ଦେବୀ, ଶାଶୁ ଛାୟାମଣି ଦେବୀ ଓ ସ୍ୱାମୀ ଦେବେନ୍ଦ୍ରନାଥ ପରିଡାଙ୍କର ମଧ୍ୟ ବିଶେଷ ଭୂମିକା ରହିଥିଲା। ଆଉ ଭଗବାନଙ୍କ ଆଶୀର୍ବାଦରୁ ଏବେ ମୋ ପୁଅ ଓ ନାତୁଣୀ ମଧ୍ୟ ରୋଗୀ ସେବାକୁ ଜୀବନର ଧର୍ମ ବୋଲି ମାନି ନେଇଛନ୍ତି।

# ତନୁପାତଳୀ କନକଗୋରୀ, ନିମିଷକେ କଲା ମନକୁ ଚୋରି

**ପ୍ରଶ୍ନ**–ଥରେ ବସ୍‌ରେ ଯାଉ ଯାଉ ଜଣେ ଝିଅ ସହ ଭେଟ ହୋଇଗଲା। ଯେମିତି ତା' ଆଖିରେ ଆଖି ମିଶେଇ ଦେଇଛି ମୋତେ ଲାଗିଲା ମୋ ମନ ସେ ଚୋରି କରିନେଇଛି। ହେଲେ ତା'ପରେ ଆଉ ଆମର ଭେଟ ହୋଇନି। କ'ଣ କରିବି ?

*–ପ୍ରମୋଦ ସାହୁ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର :** ସେଇଠି ଘଟଣାକୁ ଟିକେ ଆଗକୁ ଆଗେଇ ନେବାର ଥିଲା। ଯଦି ଦୁହେଁ ଦୂର ବାଟ ଯାତ୍ରା କରୁଥିଲେ ତେବେ କଥା ପ୍ରସଙ୍ଗରେ ନାଁ, ଗାଁ, ଠିକଣା ବୁଝି ପାରିଥାଆନ୍ତେ। ହେଲେ କେବଳ ତା' ଆଖି ଯାଦୁରେ ଆପଣ ବନ୍ଦୀ ହୋଇଗଲେ। 'ତନୁପାତଳୀ କନକ ଗୋରୀ, ନିମିଷକେ କଲା ମନକୁ ଚୋରି।' ଆଉ ସେହି ପ୍ରେମ ବିଷୟରେ ଭାବିଲେ କେବଳ ମନଦୁଃଖ ହେବ। କାରଣ ସବୁ ସୁଯୋଗ ପାଖରେ ପାଇ ଆପଣ ତାହାର ଫାଇଦା ନେଇପାରିଲେ ନାହିଁ। ଏବେ କେବଳ ବସି ଭାବୁଛନ୍ତି। ତା' ଅପେକ୍ଷା ଚ୍ୟାନେଲ ଚେଞ୍ଜ୍ କଲେ କ୍ଷତି କ'ଣ ?

**ପ୍ରଶ୍ନ**–କହିବେ କି ସାଥୀ, ଆଜିକାଲିର ପ୍ରେମରେ ବିଶ୍ୱାସ ଏବଂ ବୁଝାମଣାର ଅଭାବ ଦେଖା ଦେଉଛି କାହିଁକି ?

*–ବୁଟୁ ବିନୋଦ ବେହେରା, ନୂଆସାହି, ଗୋଶାଳା ରୋଡ୍, କଟକ*

**ଉତ୍ତର :** ଯେମିତି କର୍ମ ସେମିତି ଫଳ–ଏହା ଯୁଗେ ଯୁଗେ ସତ୍ୟ। ଠିକ୍ ସେମିତି ପ୍ରେମର ଆରମ୍ଭ ଯେମିତି ଶେଷ ମଧ୍ୟ ସେମିତି। ଅନେକ ପାଣିଚିଆ ପ୍ରେମକୁ ନେଇ ରଙ୍ଗିନ ସ୍ୱପ୍ନ ଦେଖନ୍ତି। ହେଲେ ସେଥିରେ ଆଶା ଅନେକ ବିଶ୍ୱାସ କମ୍ ଥାଏ। ପ୍ରେମରେ ଯଦି ବିଶ୍ୱାସ ଆଉ ବୁଝାମଣା ଫେଲ୍ ମାରିଲା ତେବେ ସେଭଳି ପ୍ରେମ ଅଦିନ ମେଘ ପରି କେତେବେଳେ ଉଭେଇ ଯିବ ତାହା କଳ୍ପନା କରିପାରିବେ ନାହିଁ।

**ପ୍ରଶ୍ନ**–ପ୍ରେମରେ ଧୋକା ରହିଥାଏ ଜାଣି ମଧ୍ୟ ଅନେକେ ପ୍ରେମ କରନ୍ତି କାହିଁକି ?

*–ବିଜୁ ସାହୁ, କଟକ*

**ଉତ୍ତର :** ଧୋକା ହେଉଛି ଦୁର୍ବଳ ମନର ମାନସିକତା। ମନ ଭିତରେ ବିଶ୍ୱାସର ବନ୍ଧ ଯେତେବେଳେ ଭାଙ୍ଗି ଚୂରମାର ହୋଇଯାଏ ସେତେବେଳେ ଅନେକ ନକାରାତ୍ମକ ଚିନ୍ତାଧାରା ଉଙ୍କିମାରେ। ପ୍ରେମକୁ ଯିଏ ସବୁବେଳେ ନିର୍ମଳ ଦୃଷ୍ଟିକୋଣରେ ଦେଖିଛି ସେ ସଫଳ ହୋଇଛି। ଯିଏ ଏହାକୁ ଖେଳନା ବୋଲି ଭାବିଛି ସେ ତାହାର ଫଳ ଭୋଗିଛି। ତେଣୁ ମନକୁ ନିର୍ମଳ ରଖି ସଚ୍ଚା ପ୍ରେମ କରନ୍ତୁ, ଦେଖିବେ ଧୋକା ଆପଣଙ୍କ ପାଖ ମାଡିବ ନାହିଁ।

**ପ୍ରଶ୍ନ**–ଆଜିକାଲି ଅନେକ ପ୍ରେମୀ ଯୁଗଳ ଆରେଞ୍ଜ ମ୍ୟାରେଜ ଅପେକ୍ଷା ଲଭ୍ ମ୍ୟାରେଜକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କାହିଁକି ?

*–ତଥାଗତ ସାହୁ, ଅମରପାଲି, ବୀରମହାରାଜପୁର, ସୋନପୁର*

**ଉତ୍ତର :** ମ୍ୟାରେଜ ଲଭ୍ ହେଉ କି ଆରେଞ୍ଜ ଏହା ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ଉପରେ ନିର୍ଭର କରେ। କେତେକେ ପରିସ୍ଥିତିର ସମ୍ମୁଖୀନ ହୋଇ ଲୁଚି ଛପି ବାହା ହୋଇଥାଆନ୍ତି। କିନ୍ତୁ ମ୍ୟାରେଜ ଯେମିତି ହେଉ ନା କାହିଁକି, ପ୍ରେମୀଯୁଗଳଙ୍କର ସମ୍ମତି ଏବଂ ଉଭୟ ପରିବାର ସମର୍ଥନରେ ହେଲେ ଭଲ। ନ ହେଲେ ସେଥିରେ କେଁ ଲାଗି ରହିଥାଏ।

ସାଥୀ



# ଦାମୀ ଉପହାର







**ଉପହାରଟିଏ ପାଇଲେ ସମସ୍ତେ ଖୁସି ହୁଅନ୍ତି। ତାହା ଛୋଟିଆ ହେଲେ ବି ମନରେ ଭରିଥାଏ ଅପାର ଆନନ୍ଦ। ସାଧାରଣ ଲୋକଙ୍କଠୁ ଆରମ୍ଭ କରି ସେଲିବ୍ରିଟି ପର୍ଯ୍ୟନ୍ତ ଏହାର ମାୟାରେ ପଡ଼ିଥାଆନ୍ତି। ଯଦିଓ ସେଲିବ୍ରିଟିଙ୍କ ଉପହାରର ମୂଲ୍ୟ ଶହେ କି ହଜାରରେ ସୀମିତ ନ ରହି ଲକ୍ଷ ଲକ୍ଷ ଓ କୋଟି କୋଟି ଟଙ୍କାର ହୋଇଥାଏ। ଜାଣନ୍ତୁ ବଲିଉଡ୍‌ର କେତୋଟି ଦାମୀ ଉପହାର ସମ୍ପର୍କରେ...**





**ସ୍ତ୍ରୀଙ୍କୁ ରାଜକୁନ୍ଦ୍ରାଙ୍କ ଦାମୀ ଉପହାରର ସମ୍ଭାର–** ସ୍ତ୍ରୀଙ୍କୁ ଖୁସି କରିବାର ଉପାୟ ରାଜ କୁନ୍ଦ୍ରାଙ୍କୁ ବେଶ୍ ଜଣା। ବିବାହ ବାର୍ଷିକୀ ହେଉ ବା ଜନ୍ମଦିନ ଅବା ଅନ୍ୟ କିଛି ଖାସ୍ ଦିନ, ଦାମୀ ଦାମୀ ଉପହାର ପ୍ରଦାନ କରି ସେ ସ୍ତ୍ରୀ ଶିଳ୍ପାଙ୍କୁ ଖୁସି କରିଥାଆନ୍ତି। ପୃଥିବୀର ଉଚ୍ଚତମ ଅଟ୍ଟାଳିକା ବୁର୍ଜ ଖଲିଫାର ୧୯ ତମ ମହଲାରେ ୫୦ କୋଟି ଟଙ୍କାର ଏକ ଆପାର୍ଟମେଣ୍ଟ, ଇଂଲଣ୍ଡରେ ୫୧.୫ କୋଟିର ମାନସନ୍, ଆଇପିଏଲ୍‌ରେ ୪୨ କୋଟି ଟଙ୍କାର ରାଜସ୍ଥାନ ରୟାଲ୍ସ ଟିମ୍, ୩ କୋଟିର ମୁଦି, ଲକ୍‌ଜ୍ୟୁରିୟସ୍ କାର୍ ଭଳି ଅନେକ ଦାମୀ ଉପହାର ରାଜ ଶିଳ୍ପାଙ୍କୁ ପ୍ରଦାନ କରିଛନ୍ତି।

**ରାଓ୍ବାନ୍‌ର ୫ଜଣ କ୍ରୁ ମେମ୍ବରଙ୍କୁ ଶାହରୁଖଙ୍କ ଉପହାର–** ଶାହରୁଖଙ୍କ ରାଓ୍ବାନ୍ ଚଳଚ୍ଚିତ୍ର ବକ୍ସ ଅଫିସ୍‌ରେ ଆଶାନୁରୂପ ସଫଳତା ହାସଲ କରିପାରି ନ ଥିଲା। ତଥାପି ଶାହରୁଖ ଚଳଚ୍ଚିତ୍ରର ୫ ଜଣ କ୍ରୁ ମେମ୍ବର, ଯେଉଁଥିରେ ରଜନୀକାନ୍ତ, ଅର୍ଜୁନ ରାମପାଲ, ଅନୁଭବ ସିହ୍ନା ଥିଲେ ତାଙ୍କୁ ୧ କୋଟି ଟଙ୍କାର ବ୍ରାଣ୍ଡ ନ୍ୟୁ ବିଏମ୍‌ଡବ୍ଲ୍ୟୁ ୭ସିରିଜ୍ ସେଦାନ କାର୍ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।



**ବିଧୁ ବିନୋଦ ଚୋପ୍ରାଙ୍କ ଅମିତାଭ ବଚ୍ଚନଙ୍କୁ ଉପହାର–** ବଲିଉଡ୍‌ର ଶେହନଶାହ ଅମିତାଭ ବଚ୍ଚନଙ୍କ ସହ କାମ କରିବାକୁ କିଏ ବା ନ ଚାହେଁ। ଯେବେ ଏହି ସୁଯୋଗ ବିଧୁ ବିନୋଦ ଚୋପ୍ରାଙ୍କୁ ମିଳିଲା ଓ ଅମିତାଭ ବଚ୍ଚନ ତାଙ୍କ ପ୍ରଡକ୍ସନ ଏକଲବ୍ୟରେ କାମ କଲେ ସେ ବେଶ୍ ଖୁସି ହୋଇଯାଇଥିଲେ। ଆଉ ନିଜର ଖୁସିକୁ ଜାହିର କରିବାକୁ ଯାଇ ସେ ୩.୫ କୋଟି ଟଙ୍କାର ରଲସ୍ ରୟସ୍ କାର୍ ଅମିତାଭଙ୍କୁ ଉପହାରଭାବେ ପ୍ରଦାନ କରିଥିଲେ।

**ସଲ୍‌ମାନଙ୍କର ଭଉଣୀଙ୍କୁ ଉପହାର–** ଭାଇଜାନ୍‌ଙ୍କ ବଦାନ୍ୟତା ସମ୍ପର୍କରେ ସମସ୍ତେ ଜାଣନ୍ତି। ଆଉ ଯେବେ ତାଙ୍କ ଆଖପାଖର ପ୍ରିୟ ଲୋକଙ୍କୁ ଉପହାର ଦେବାକଥା ଉଠେ ସେ କାର୍ପଣ୍ୟ କରନ୍ତି ନାହିଁ। ଅନେକ ବହୁମୂଲ୍ୟର ଉପହାର ସେ ନିଜର ପ୍ରିୟ ଲୋକଙ୍କୁ ଦେଇଛନ୍ତି। ଆଉ ଭଉଣୀମାନଙ୍କୁ ବି ସେ ଦେଇଛନ୍ତି ଅନେକ ଉପହାର। ଭଉଣୀ ଅଲଭିରାଙ୍କୁ ୧୬ କୋଟିର ଲକ୍‌ଜ୍ୟୁରିୟସ୍ ପେଣ୍ଟହାଉସ୍ ଓ ଅର୍ପିତାଙ୍କୁ ବି ଲକ୍‌ଜ୍ୟୁରିୟସ୍ କାର୍ ସହ ଅନେକ ଦାମୀ ଉପହାର ପ୍ରଦାନ କରିଛନ୍ତି।



**କ୍ୟାଟ୍ରିନାଙ୍କୁ କରନ ଜୋହରଙ୍କ ଉପହାର–** କ୍ୟାଟ୍ରିନା କୈଫ ବନ୍ଧୁ କରନ ଜୋହରଙ୍କ ପ୍ରଡକ୍ସନରେ ବିନା ମୂଲ୍ୟରେ 'ଚିକ୍‌ନୀ ଚମେଲୀ' ଗୀତରେ ନୃତ୍ୟ କରିଥିଲେ। ଏହା ବଦଳରେ କରନ୍ କ୍ୟାଟ୍ରିନାଙ୍କୁ ଉପହାର ସଦୃଶ ପ୍ରଦାନ କରିଥିଲେ ଲକ୍‌ଜ୍ୟୁରିୟସ୍ ଫେରାରୀ କାର୍।



**ବିଦ୍ୟାଙ୍କୁ ସ୍ୱାମୀ ସିଦ୍ଧାର୍ଥ ରୟ କପୁରଙ୍କ ଉପହାର–** ପ୍ରଡ୍ୟୁସର୍ ତଥା ୟୁଟିଭି ମୁଖ୍ୟ ସିଦ୍ଧାର୍ଥ ରୟ କପୁର ତାଙ୍କ ସ୍ତ୍ରୀ ବିଦ୍ୟା ବଲାନଙ୍କୁ ମୁମ୍ବାଇର ଜୁହୁରେ ଏକ ଲକ୍‌ଜ୍ୟୁରିୟସ ଫ୍ଲାଟ୍ ଉପହାରସ୍ୱରୂପ ପ୍ରଦାନ କରିଛନ୍ତି।

**ଅଭି–ଐଶଙ୍କର ଝିଅ ଆରାଧ୍ୟାଙ୍କୁ ଉପହାର–** ସନ୍ତାନର ପ୍ରଥମ ଜନ୍ମଦିନରେ ମା'ବାପା କେକ୍ କାଟି ପାର୍ଟି କରିଥାଆନ୍ତି। ହେଲେ ଐଶ୍ୱର୍ଯ୍ୟା ଓ ଅଭିଷେକ ଝିଅ ଆରାଧ୍ୟାର ପ୍ରଥମ ଜନ୍ମଦିନରେ ପାର୍ଟି ଓ କେକ୍ କାଟିବା ସହ ତାଙ୍କୁ ଦେଇଥିଲେ ୨୫ ଲକ୍ଷ ଟଙ୍କାର ବିଏମ୍‌ଡବ୍ଲ୍ୟୁ ମିନି କୁପର୍ ଲକ୍‌ଜ୍ୟୁରିୟସ୍ କାର ଉପହାର।

**ଆମୀର ସ୍ତ୍ରୀ କିରନଙ୍କୁ ଦେଇଥିବା ଉପହାର–** ମିଷ୍ଟର ପରଫେକ୍ସନିଷ୍ଟଭାବେ ପରିଚିତ ଆମୀର ଖାଁ, ସ୍ତ୍ରୀ କିରନ୍ ରାଓଙ୍କୁ ଆମେରିକାର ବେଭରଲି ହିଲ୍ସରେ ଦେଇଛନ୍ତି ଏକ ହଲିଡେ' ହୋମ୍‌ର ଉପହାର। ଯାହାର ମୂଲ୍ୟ ୭୫ କୋଟି ଟଙ୍କା।

**ଅକ୍ଷୟ କୁମାରଙ୍କ ସ୍ତ୍ରୀ ଟ୍ୱିଙ୍କିଲ୍‌ଙ୍କୁ ଉପହାର–** ଟ୍ୱିଙ୍କିଲଙ୍କ ୩୪ତମ ଜନ୍ମଦିନରେ ଅକ୍ଷୟ ତାଙ୍କୁ ଦେଇଥିଲେ ଏକ ଲକ୍‌ଜ୍ୟୁରିୟସ୍ କାର୍‌ର ଉପହାର।










## ହାଃ ହାଃ

### ବିଉଟିଫୁଲ ଟ୍ରାଜେଡି

ପ୍ରେମିକ ପ୍ରେମିକାକୁ- କାଲି କ'ଣ ପାଇଁ ମତେ ଦେଖା କରିବାକୁ ଆସିଲନି ?
ପ୍ରେମିକା- ଆମ ଘରେ ପରା ବିଉଟିଫୁଲ୍ ଟ୍ରାଜେଡି ହେଉଥିଲା।
ପ୍ରେମିକ-ମାନେ ?
ପ୍ରେମିକା- ସୁନ୍ଦର କାଣ୍ଡ।

### ମଶା

ମଣ୍ଟୁ ରୋଜିକୁ- ରାତିରେ ବହୁତ ମଶା। ଶୋଇବାକୁ ଦେଉ ନାହାନ୍ତି। କ'ଣ କରିବି କହିଲୁ।
ରୋଜି- ଗୋଟେ କାମ କର। ଶୋଇବା ପୂର୍ବରୁ ଗୋଟେ ମଶାକୁ ମାରିଦେ। ଅନ୍ୟ ମଶା ତାକୁ ଧରି କାନ୍ଦିବା ସହ ତା' ଅନ୍ତିମ ସଂସ୍କାରରେ ବ୍ୟସ୍ତ ରହିବେ। ଆଉ ତୁ ଆରାମରେ ଶୋଇବୁ।

### କ୍ଷମା

ପ୍ରଥମ ଥର ପାଇଁ ପପୁ ଏକ ସୁନ୍ଦର ଝିଅ ସହ ବୁଲୁଥାଏ। ଅନେକ ସମୟ ପର୍ଯ୍ୟନ୍ତ କେହି କାହା ସହ କଥା ହେଉ ନ ଥାଆନ୍ତି। ସାହସ କରି ପପୁ ଝିଅକୁ- ମୁଁ ପ୍ରଥମ ଥର ପାଇଁ ତୁମ ସହ ବୁଲୁଛି। ଯଦି ମୁଁ କିଛି ଭୁଲ୍ କରିଦିଏ ତେବେ ସାନ ଭାଇ ଭାବି କ୍ଷମା କରିଦେବ।







# ପୋବିଟୋରା ବନ୍ୟପ୍ରାଣୀ ଅଭୟାରଣ୍ୟ

ଆସାମର ମୋରିଗାଓଁ ଜିଲା ଅନ୍ତର୍ଗତ ପୋବିଟୋରା ବନ୍ୟପ୍ରାଣୀ ଅଭୟାରଣ୍ୟକୁ କେହି କେହି ପବିଟୋରା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟ କହିଥାନ୍ତି। ପ୍ରାୟ ୩୮.୮ ବର୍ଗ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଉକ୍ତ ଅଭୟାରଣ୍ୟରେ ମୁଖ୍ୟତଃ ଗୋଟିଏ ଶିଙ୍ଗ ଥିବା ଗଣ୍ଡାମାନଙ୍କୁ ଦେଖିବାକୁ ମିଳିଥାଏ। କିନ୍ତୁ ସମ୍ପୂର୍ଣ୍ଣ ୩୮.୮ ବର୍ଗ କି.ମି ପରିବ୍ୟାପ୍ତ ଅଞ୍ଚଳର କିଛି ଅଂଶ ଅର୍ଥାତ୍ ମାତ୍ର ୧୬ ବର୍ଗ କି.ମି. ପରିଧି ଭିତରେ ହିଁ ଏହି ଗଣ୍ଡାମାନେ ଦେଖାଯାଇଥାନ୍ତି। ତେବେ ତଥ୍ୟ ଅନୁଯାୟୀ, ପୋବିଟୋରାକୁ ୧୯୭୧ ମସିହାରେ ପ୍ରଥମେ ଏକ ସଂରକ୍ଷଣ କ୍ଷେତ୍ର ଭାବେ ଘୋଷଣା କରାଯାଇଥିବାବେଳେ ୧୯୮୭ରେ ଏହାକୁ ଏକ ବନ୍ୟପ୍ରାଣୀ ଅଭୟାରଣ୍ୟର ମାନ୍ୟତା ମିଳିଥିଲା।

## କ'ଣ ଦେଖିବେ

ପୋବିଟୋରା ଗୋଟିଏ ଶିଙ୍ଗ ଥିବା ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ହେଁ, ଏଠାରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ଦେଖିହୁଏ। ଯେମିତିକି ଚିତାବାଘ, ଜଙ୍ଗଲୀ ଘୁଷୁରି, ବୋବାଉଥିବା ହରିଣ, ଜଙ୍ଗଲୀ ମଇଁଷୀ, ହାତୀ ଇତ୍ୟାଦି। ତା'ଛଡ଼ା ପ୍ରାୟ ୩୭୫ ପ୍ରଜାତିର ପକ୍ଷୀମାନଙ୍କ ପାଇଁ ଏହା ଏକ ସୁରକ୍ଷିତ ଆବାସସ୍ଥଳୀ କହିଲେ ମଧ୍ୟ ଭୁଲ୍ ହେବନାହିଁ। ଏପରି କି ଶୀତଦିନେ ପାଖାପାଖି ଦୁଇ ହଜାରରୁ ଊର୍ଦ୍ଧ୍ୱ ଭ୍ରମଣକାରୀ ପକ୍ଷୀ ମଧ୍ୟ ଏଠାକୁ ଉଡି ଆସିଥାନ୍ତି, ଯାହା ହେଉଛି ଏଠାକାର ଏକ ନିଆରା ଆକର୍ଷଣ। ସେହିପରି ଏହି ଅଭୟାରଣ୍ୟ ଭିତରେ ବିଭିନ୍ନ ପ୍ରଜାତିର ସରୀସୃପଙ୍କୁ ଦେଖିବା ପାଇଁ ଏକ ସ୍ୱତନ୍ତ୍ର ଗ୍ୟାଲେରି ବି ତିଆରି କରାଯାଇଛି।

## କେବେ ଓ କେମିତି ଯିବେ

ଗୁଆହାଟିର ପୂର୍ବ ଦିଗରୁ ପୋବିଟୋରା ଅଭୟାରଣ୍ୟଟି ପ୍ରାୟ ୩୦ କି.ମି. ଦୂରରେ ଅବସ୍ଥିତ। ତେଣୁ ଗୁଆହାଟିରୁ ସଡ଼କପଥରେ ପ୍ରାୟ ୧ ଘଣ୍ଟାର ରାସ୍ତା ଅତିକ୍ରମ କରି ଗଲେ ପଡେ ଏହି ଅଭୟାରଣ୍ୟଟି। ତା'ଛଡ଼ା ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ମଧ୍ୟ ରହିଛି। ହେଲେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଅକ୍ଟୋବରରୁ ମେ' ହେଉଛି ଏଠାକୁ ଯିବା ପାଇଁ ଉପଯୁକ୍ତ ସମୟ। କାରଣ ଏହାପରେ ବର୍ଷାଦିନ ଆସିଯାଏ। ବର୍ଷାରେ ଗଲେ ଏଠାରେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାରେ ସମସ୍ୟା ଉପୁଜିଥାଏ।

## ହାତୀ ପିଠିରେ ବସି ବୁଲିବେ

ପୋବିଟୋରାରେ ଥିବା ହାତୀମାନଙ୍କ ପିଠିରେ ବସି ଅଭୟାରଣ୍ୟ ଭିତରେ ବୁଲିବାର ମଜା ହିଁ କିଛି ନିଆରା। ଏଥିପାଇଁ କିଛି ଶୁଳ୍କ ଦେବାକୁ ହୋଇଥାଏ। ତା'ଛଡ଼ା ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ବୃକ୍ଷଲତା ବି ଏଠାକାର ପରିବେଶକୁ ବେଶ୍ ମନୋରମ କରିଥାଏ। ତେଣୁ ସହରର ଜନଗହଳିପୂର୍ଣ୍ଣ ପରିବେଶରୁ କିଛିକ୍ଷଣ ପାଇଁ ବାହାରି ଆସି ଏଭଳି ଏକ ଶାନ୍ତ ବାତାବରଣରେ ସମୟ କଟାଇବାକୁ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଏଠାରେ ଲାଗିଥାଏ।







# ବିଦ୍ୟୁତ ଖାଉଥିବା ମଣିଷ







ଭୋକ ହେଲେ ମଣିଷଠୁ ଆରମ୍ଭ କରି ଜୀବଜନ୍ତୁ ସମସ୍ତେ ଖାଦ୍ୟ ଖାଆନ୍ତି। ହେଲେ ଉତ୍ତର ପ୍ରଦେଶ, ମୁଜାଫରନଗରର ୪୨ ବର୍ଷୀୟ ନରେଶ କୁମାରଙ୍କୁ ଯେତେବେଳେ ଭୋକଲାଗେ ଓ ପାଖରେ କିଛି ଖାଇବାକୁ ନ ଥାଏ । ସେ କେମିତି ନିଜର ଭୋକ ମେଣ୍ଟାନ୍ତି ଯଦି ଜାଣିବେ ଚକିତ ନ ହୋଇ ରହିପାରିବେ ନାହିଁ। କାହିଁକି ନା ଡାକ୍ତର ବି ଏଭଳି କଥାକୁ ବିଶ୍ୱାସ କରିପାରୁ ନାହାନ୍ତି। ସେ କଭର୍ ନ ଥିବା ତାରକୁ ଧରି ବିଦ୍ୟୁତ୍ ସୁଇଚ୍ ଅନ୍ କରନ୍ତି। ଆଉ ତାଙ୍କ ଦେହରେ ପ୍ରବାହିତ ହୁଏ ବିଦ୍ୟୁତ୍। ଅଧଘଣ୍ଟା ପର୍ଯ୍ୟନ୍ତ ଏଭଳି ରହିବା ପରେ ଯାଇ ତାଙ୍କ ଦେହକୁ ଶକ୍ତି ଆସେ । ଆଉ ସେ ତାଜା ମନେ କରନ୍ତି। ଭୋକସମୟରେ ସେ ୧୧୦୦ ଭୋଲ୍ଟ ବିଦ୍ୟୁତ୍ ଛୁଇଁ ଶକ୍ତି ପାଆନ୍ତି। ୫ଟି ସନ୍ତାନର ବାପା ନରେଶ ସରକାରୀ ହସ୍ପିଟାଲରେ ପୋଷ୍ଟମର୍ଟମବେଳେ ଡାକ୍ତରଙ୍କୁ ସାହାଯ୍ୟ କରିବା କାମ କରନ୍ତି। ତେବେ ନିଜ ଭିତରେ ଥିବା ଏହି ଅଦ୍ଭୁତ ବିଶେଷତା ସମ୍ପର୍କରେ ସେ ୬ ବର୍ଷ ପୂର୍ବେ ଜାଣିବାକୁ ପାଇଲେ। ଯେତେବେଳେ ସେ ହଠାତ୍ ଜୀବନ୍ତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ହେଲେ ତାଙ୍କର କୌଣସି କ୍ଷତି ହେଲାନାହିଁ। ତା'ପରଠାରୁ ତାଙ୍କ ଦୁନିଆ ବଦଳିଗଲା। ବିଦ୍ୟୁତ୍ ପ୍ରତି ତାଙ୍କର ଭୟ ରହିଲା ନାହିଁ। ସବୁଠୁ ଚର୍ଚ୍ଚାର ପାତ୍ର ପାଲଟିଗଲେ। ହେଲେ ତାଙ୍କ ପରିବାର ଲୋକେ ଭୟ କରନ୍ତି ତାଙ୍କର ଏହି ଅଦ୍ଭୁତ ଶକ୍ତି ପାଇଁ। ନିଜକୁ ବି ସେମାନେ ସୁରକ୍ଷିତ ମନେକରନ୍ତି ନାହିଁ।

## କାର୍ଟୁନ କର୍ଣ୍ଣର



# ସ୍ୱାଭିମାନୀ ନାଟ୍ୟକାର

ବନମାଳୀ ତରାଇ! ଏଇ ନାମଟି ସହିତ ଯାତ୍ରାପ୍ରେମୀ ଖୁବ୍ ଭଲ ଭାବରେ ପରିଚିତ। ସଂସ୍କାର ମୂଳକ, ବାର୍ତ୍ତାଧର୍ମୀ ତଥା ସାମାଜିକ ଶିକ୍ଷା ସମ୍ବଳିତ ନାଟକ ରଚନା କରି ତରାଇ ନିଜ ପାଇଁ ଯାତ୍ରା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରି ପାରିଛନ୍ତି। ସେ କହନ୍ତି, ନାଟକରେ ତ ଏଣ୍ଟରଟେନ୍‌ମେଣ୍ଟ ରହିବ। ତା'ବୋଲି କ'ଣ ସେଥିରେ ସଂସ୍କାରର କଥା ରହିବନି। ଲୋକ ଶିକ୍ଷା ରହିବନି। ନା ସାମାଜିକ ବାର୍ତ୍ତା ରହିବନି। ମୁଁ ନା କେବେ ଏଭଳି ଉଦ୍ଭଟ ନାଟକ ଲେଖିଛି ନା ଆଗକୁ ଲେଖିବି।' କେନ୍ଦ୍ରାପଡ଼ାର ଆଳି ଅଞ୍ଚଳ ନିବାସୀ ଏହି ନାଟ୍ୟକାରଙ୍କ ପ୍ରଥମ ନାଟକ ଥିଲା 'ହାଟ ମଝିରେ ବ୍ରହ୍ମଜ୍ଞାନ'! ରାଜନଗରର 'ଶୁଭଲକ୍ଷ୍ମୀ ଗଣନାଟ୍ୟ' ପାଇଁ ସେ ଏହି ନାଟକଟିକୁ ରଚନା କରିଥିଲେ। ନାଟକକୁ ଆସିବା ପୂର୍ବରୁ ତରାଇ ଥିଲେ ଏକ ନୋଡାଲ ୟୁ.ପି. ସ୍କୁଲର ପ୍ରଧାନଶିକ୍ଷକ। ସେ ମଧ୍ୟ ଥିଲେ ଜଣେ ପାଲାଗାୟକ। ଶ୍ରୀରାମଚରିତମାନସ ତଥା ଭାଗବତର ଜଣେ ଭାଷ୍ୟକାର ଭାବରେ ତାଙ୍କର ରହିଛି ଏକ ସ୍ୱତନ୍ତ୍ର ପରିଚିତି। ଏବେ ମଧ୍ୟ ରଥଯାତ୍ରା ସମୟରେ ବିଭିନ୍ନ ଚ୍ୟାନେଲ ତରଫରୁ ଧାରା ବିବରଣୀ ପ୍ରଦାନ ପାଇଁ ତାଙ୍କୁ ଆମନ୍ତ୍ରଣ କରାଯାଇଥାଏ। ସମ୍ପ୍ରତି ପେସାରେ ସେ ହେଉଛନ୍ତି ଭଣ୍ଡାରିପୋଖରୀର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)। ତାଙ୍କ ରଚିତ ଏକାଧିକ ସଫଳ ନାଟକ ମଧ୍ୟରୁ କେତୋଟି ହେଉଛି– 'ସୁନ୍ଦରୀ ଝିଅକୁ ସିନ୍ଦୂର ମନା', 'ଏ ଦୁନିଆ ଦୁଇଟି ନିଆଁ', 'ଜାତି ଜାତକ ଯଉତୁକ', 'ଝିଅ ନୁହେଁ ତୁ ଅପ୍‌ସରୀ', 'ଛତରା ଟୋକା', 'କେମିତି କହିବି ଏମିତି କଥା', 'ହସ ଫଗୁଣକୁ ଲୁହ ଶ୍ରାବଣ', 'ଜୀବନକୁ କି ଅବା ଭରସା', 'ଦାନାପାଣି', 'କୁଆଁରୀ ଖେଳ', 'ମାୟା ହରିଣୀ'। ନାଟକର ନାମକରଣକୁ ନେଇ ଏହି ନାଟ୍ୟକାର ଯେ ଖୁବ୍ ସଚେତନ ତଥା ରୁଚିଶୀଳ ତାହା ଜାଣି ହୋଇଯାଏ। ନାଟକର କାହାଣୀ ଚୟନ ଅବସରରେ କେଉଁ କଥାକୁ ସର୍ବାଗ୍ରେ ରଖିଥାନ୍ତି ବୋଲି ଏକ ପ୍ରଶ୍ନ ଉତ୍ତରରେ ସେ କହନ୍ତି : ମୋର କାହାଣୀ ସବୁ ପ୍ରାୟତଃ ନାରୀକୈନ୍ଦ୍ରିକ। ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀକୁ ନ୍ୟାୟ ମିଳେନାହିଁ। ଯଦି ମିଳେ କ୍ୱଚିତ୍ ମିଳେ। ସେ ନାରୀ ସ୍ୱାଧୀନତାରେ ବିଶ୍ୱାସ କରନ୍ତି। ତେବେ ସେ ଏକଥା ବି କହନ୍ତି ଯେ, ସ୍ୱାଧୀନତା ନାମରେ ଯେଉଁ ନାରୀମାନେ ଉଚ୍ଛୃଙ୍ଖଳ ହୋଇ ଉଠୁଛନ୍ତି ତାହାକୁ ସେ ତୀବ୍ର ସମାଲୋଚନା କରନ୍ତି। ନାରୀ ହେଉ ବା ପୁରୁଷ – ବିଧାତା ପ୍ରତ୍ୟେକଙ୍କ ପାଇଁ କିଛି ନା କିଛି ମର୍ଯ୍ୟାଦା ଧାର୍ଯ୍ୟ କରିଛନ୍ତି। ତାହାକୁ ଉଲ୍ଲଂଘନ କରିବା ସର୍ବଦୌ ନିନ୍ଦନୀୟ। ପେସାରେ ଜଣେ ପ୍ରଶାସନିକ ଅଧିକାରୀ। ହେଲେ ନିଶା ତାଙ୍କର ଅଧ୍ୟୟନ, ପ୍ରବଚନ ପୁଣି ନାଟକ ଲିଖନ। ସେ କହନ୍ତି, ମୁଁ ନିଶା ପାଇଁ ପେସାକୁ ଅବହେଳା କରିନାହିଁ। କିମ୍ବା ପେସାର ଚାପରେ ନିଶାକୁ ଛାଡ଼ି ଦେଇନାହିଁ। ପେସା ମୋର ଲୋକଙ୍କ ସେବା। ତେଣୁ ତାହା ହେଉଛି ମୋର ସର୍ବପ୍ରଥମ କାମ। ମୁଁ ତାହାକୁ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରିଛି। ଜଣେ ସ୍ୱାଭିମାନୀ ମଣିଷ ତଥା ପ୍ରତିମୁହୂର୍ତ୍ତରେ ଆତ୍ମସମ୍ମାନ ଜଗୁଥିବା ନାଟ୍ୟକାର ଭାବରେ ଅନେକଥର ତାଙ୍କୁ କମ୍ପ୍ରୋମାଇଜ୍ କରିବାକୁ କୁହାଯାଇଛି। ମାତ୍ର ସେ ତାହାକୁ ଅତି ବିନମ୍ରତାର ସହିତ ଅସ୍ୱୀକାର କରିଯାଇଛନ୍ତି। ଯେତେ ଭଲ ଅନୁଷ୍ଠାନ ହୋଇଥିଲେ ମଧ୍ୟ ତାହାକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି। ତାଙ୍କର ସ୍ପଷ୍ଟ ମତ ହେଉଛି, ମୋତେ ମୋର ମୂଲ୍ୟବୋଧକୁ ଜଗିବାକୁ ପଡ଼ିବ। ସାମାନ୍ୟ ଲୋକପ୍ରିୟତା ପାଇଁ ସ୍ୱାଭିମାନକୁ ବଳିଦେବା ମୋ ଦ୍ୱାରା ସମ୍ଭବପର ନୁହେଁ। କାରଣ ଦିନ ଆସିବ ମୋତେ (କେବଳ ମୋତେ ନୁହେଁ; ସମସ୍ତଙ୍କୁ) ସମୟ ନିକଟରେ କୈଫିୟତ ଦେବାକୁ ପଡ଼ିବ।


ବନମାଳୀ ତରାଇ

ଯାତ୍ରା ଇଣ୍ଡଷ୍ଟ୍ରିରେ ଯେଉଁ କେତେଜଣ ନାୟକ-ନାୟିକା ଯୋଡ଼ିଙ୍କୁ ଲୋକପ୍ରିୟ ତଥା ସଫଳ ଯୋଡ଼ି ବୋଲି କୁହାଯାଏ ସେମାନଙ୍କ ମଧ୍ୟରୁ ଗୋଟିଏ ଯୋଡ଼ି ହେଉଛନ୍ତି 'ସୁବାସ-ମାମା'। ଏଠାରେ ଯେଉଁ ସୁବାସଙ୍କ କଥା କୁହାଯାଉଛି ସେ ହେଉଛନ୍ତି ଟ୍ରାଜେଡି କିଙ୍ଗ୍ ବା କିଙ୍ଗଷ୍ଟାର ସୁବାସ ବେହେରା। ଆଉ ମାମା' ହେଉଛନ୍ତି ତାଙ୍କ ବିପକ୍ଷରେ 'ଯାତ୍ରା ରଙ୍ଗମହଲ'ରେ ଅଭିନୟ ଜାରି ରଖିଥିବା ଜଲିଉଡ଼ର ଅନ୍ୟତମ ଚୁଲ୍‌ବୁଲି ଅଭିନେତ୍ରୀ। ଆଜି ମଞ୍ଚ ଉପରେ ସୁବାସ-ମାମାଙ୍କ ଯୋଡ଼ିକୁ ଦେଖି ତାଳି ମାରୁଥିବା ଅନେକ ଯାତ୍ରାପ୍ରେମୀ ହୁଏତ ଏକଥା ଜାଣି ନ ଥିବେ ଯେ, ଏହି ଯୋଡ଼ିର ଆରମ୍ଭ ହୋଇଥିଲା ଆଜିକୁ ଠିକ୍ ପାଞ୍ଚବର୍ଷ ପୂର୍ବେ; ଅର୍ଥାତ୍ ୨୦୧୪ ମସିହାରେ ତତ୍କାଳୀନ ଯାତ୍ରାନୁଷ୍ଠାନ 'ବିଶ୍ୱ ରଙ୍ଗମହଲ'ର ଦ୍ୱିତୀୟ ବର୍ଷରେ। ନାଟକ ଥିଲା 'ଶୂନ ଫୋଟକା'। ଏହାପୂର୍ବରୁ ମାମା ସାଥୀ' ଏବଂ ଆହୁରି ଅନେକ। ମାମାଙ୍କ ସମ୍ପର୍କରେ ସୁବାସ କହନ୍ତି : 'ମାମା ଜଣେ ନିଷ୍ଠାପର ଅଭିନେତ୍ରୀ। ସେ ସବୁବେଳେ ଶିଖିବାକୁ ଚାହେଁ। ସେ ଗୋଟେ କଞ୍ଚାମାଟିର ପିଣ୍ଡୁଳା। ଯାହା ଶିଖେଇଲେ ଶିଖେ। ନ ଶିଖିବା ପର୍ଯ୍ୟନ୍ତ ଲାଗିଥାଏ। ଆଜିକାଲି ଅନେକ ଅଭିନେତ୍ରୀ ବର୍ଷେ ଦୁଇବର୍ଷ ନାୟିକା ହେବା ପରେ ଗର୍ବରେ ଇନ୍ଦ୍ରଚନ୍ଦ୍ର ମାନୁ ନାହାନ୍ତି। ହେଲେ ମାମା ସେସବୁଠୁ ଦୂରରେ। ତେଣୁ ମୋର ବିଶ୍ୱାସ ଯଦି ମାମା ତା'ର ଏହି ଗୁଣକୁ ଧରି ବାଟ ଚାଲିବ ତା'ହେଲେ ସେ ଦିନେ ନା ଦିନେ ନମ୍ବର ୱାନ୍ ନାୟିକାର ଶିଡ଼ି ଚଢ଼ିବ। ଆଉ ତୁନୀ ଭଳି ଜଣେ ଶ୍ରେଷ୍ଠ ଅଭିନେତ୍ରୀ ହୋଇପାରିବ।' ସେମାନଙ୍କ ଯୋଡ଼ିର ଏକାଧିକ ସଫଳ ନାଟକ ରହିଥିଲେ ମଧ୍ୟ 'କେମିତି ରାତି ସେ କେମିତି ସାଥୀ' ନାଟକଟିକୁ ସବୁଠାରୁ ସଫଳ ବୋଲି କହନ୍ତି ସୁବାସ।



# ସଫଳ ଯୋଡ଼ି ସୁବାସ-ମାମା

କମେଡ଼ି ତଥା ସାଇଡ଼ରେ ଉଭୟ ପଜିଟିଭ୍, ନେଗେଟିଭ୍ ଭୂମିକାରେ ଅଭିନୟ କରିସାରିଥିଲେ। ହେଲେ ନାୟିକା ସାଜି ନ ଥିଲେ। ତେବେ ତାଙ୍କୁ ସିଧାସଳଖ ନାୟିକା ଭାବରେ ନେବା ରିସ୍କ ତ ଥିଲା। ତେବେ ମାମାଙ୍କ ଅଭିନୟ ଉପରେ ଭରସା ଥିଲା। ତାଙ୍କ ଭିତରେ ଯେ ନାୟିକା ହେବାର ଉପାଦାନ ରହିଛି ସେ କଥା ସେତେବେଳକୁ ଜଣା ପଡ଼ିସାରିଥିଲା। ତେଣୁ ନିର୍ଦ୍ଦେଶକ, ପ୍ରଯୋଜକ ମାମାଙ୍କୁ ନାୟିକା ଭାବରେ ସୁଯୋଗ ଦେଇଥିଲେ। ଆଉ ସେଉଠୁ ଆରମ୍ଭ ହୋଇଥିଲା ସୁବାସ-ମାମା ଯୋଡ଼ି। 'ଶୂନ ଫୋଟକା'ରୁ ଆରମ୍ଭ ହୋଇଥିବା ଏହି ଯୋଡ଼ି ଇତିମଧ୍ୟରେ ଦର୍ଶକଙ୍କୁ ବହୁ ସଫଳ ନାଟକ ଭେଟି ଦେଇଛନ୍ତି। ସେଥିମଧ୍ୟରେ ରହିଛି 'ସ୍ୱାମୀମାନେ ସାବଧାନ', 'ଯିଏ ବାହା ହବ ସିଏ ମରିବ', 'ତୋ ଚାରିଖୁରାକୁ ଜୁହାର', 'କଥା ଉଠିଛି ତୋ ନାଁରେ', 'ସ୍ୱାମୀର ସିନ୍ଦୁର ସତ ଲାଗୁନି', 'ମୁଁ ବାହୁବଳି', 'ଦେଖିଲେ ଜାଣିବ ଦରଦ କେତେ', 'ମୋ ଠିକଣା ମୋତେ ଅଜଣା', 'ଧରମ ସ୍ତ୍ରୀ', 'ଅଧେ ତୋର ଅଧେ ମୋର', 'ବାହା ହେଇଛ ନା ବାଡୁଅ ଅଛ', 'କେମିତି ରାତି ସେ କେମିତି କାରଣ ଏଥିରେ ସେମାନଙ୍କ ସ୍ୱାମୀ ସ୍ତ୍ରୀର ଅଭିନୟ ଏତେ ଜୀବନ୍ତ ହୋଇଛି ଯେ, ଦର୍ଶକମାନେ ଅଭିନୟରୁ ନିଜ ନିଜର ସଂସାରକୁ ଖୋଜି ପାଆନ୍ତି।

ଅଭିନେତା ତଥା ନାୟକ ସୁବାସଙ୍କ ସମ୍ପର୍କରେ ଏତିକି କୁହାଯାଇପାରେ ଯେ, ଚରିତ୍ରକୁ ବୁଝି ତାହାକୁ ଉଚିତ ନ୍ୟାୟ ଦେବାରେ ସେ ଜଣେ ସଫଳ କଳାକାର। ସେ ମଞ୍ଚକୁ ଆସିଲେ ଟ୍ରାଜେଡିର ବନ୍ୟା ବହେ। ସୁବାସ କହନ୍ତି : 'ସମସ୍ତଙ୍କ ଜୀବନରେ ଟ୍ରାଜେଡି ବା ଲୁହ ହେଉଛି ଶେଷକଥା। ଯେତେବେଳେ ସବୁ ସରିଯାଏ ସେତେବେଳେ ଲୁହ ବାହାରେ। ଏମିତି ଚରିତ୍ର ସବୁ କରିବା ବେଳେ ମୁଁ ଏକାକାର ହୋଇଯାଏ ସେହି ଚରିତ୍ରମାନଙ୍କ ସହିତ। ଥରୁଟେ ଏକାକାର ହୋଇଗଲା ପରେ ଆଉ କାନ୍ଦିବାକୁ ପଡ଼େନାହିଁ। ମନକୁ ମନ ଛାତିରୁ ଆଖିବାଟ ଦେଇ ଲୁହ ସବୁ ବାହାରକୁ ଝରିଯାଏ।' ଚଳିତ ବର୍ଷ ପରି ଆସନ୍ତା ୨୦୧୯-୨୦ ଯାତ୍ରା ଋତୁରେ ମଧ୍ୟ ଏହି ଯୋଡ଼ି 'ଯାତ୍ରା ରଙ୍ଗମହଲ'ରେ ଅଭିନୟ ଜାରି ରଖିବେ ବୋଲି କହିଛନ୍ତି ଅନୁଷ୍ଠାନର ପ୍ରଯୋଜକ ସତ୍ୟ ଜେନା।

# କୋରାଲ ରିଫ୍ ପାଇଁ ମତ୍ସ୍ୟକନ୍ୟା ବେଶ

ବିଶ୍ୱ ପରିବେଶ ଏବେ ଏକ ସଙ୍କଟମୟ ସ୍ଥିତି ମଧ୍ୟ ଦେଇ ଗତି କରୁଛି। କେବଳ ମଣିଷ ନୁହନ୍ତି, ପଶୁପକ୍ଷୀ, ଜୀବଜନ୍ତୁ, ବାୟୁମଣ୍ଡଳ ପୁଣି ଜଳମଣ୍ଡଳ ମଧ୍ୟ ଏହା ଦ୍ୱାରା କ୍ଷତିଗ୍ରସ୍ତ ହେବାରେ ଲାଗିଛନ୍ତି। ସମୁଦ୍ରର ଏକ ସମ୍ପଦ ହେଉଛି ପ୍ରବାଳ ବା କୋରାଲ ରିଫ୍। ସେସବୁ ସାମୁଦ୍ରିକ ପରିବେଶ ବା ଜଳମଣ୍ଡଳର ଏକ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ମାତ୍ର ମଣିଷ



ନିଜର ସ୍ୱାର୍ଥ ପାଇଁ ତାହାକୁ କ୍ଷତି କରି ଚାଲିଛି। ତେବେ ଏଥିପାଇଁ ସଚେତନତା କରିବା ଉଦ୍ଦେଶ୍ୟରେ ନିଜକୁ ମତ୍ସ୍ୟକନ୍ୟା ବେଶରେ ସଜେଇଛନ୍ତି ଏଲିନା ଓ'ବ୍ରାଏନ୍। ସେ ବି ଜଣେ ଜଳବୁଡ଼ାଳି ବା ଡାଇଭର। ସେ ନିଜକୁ ମତ୍ସ୍ୟକନ୍ୟା ବେଶରେ ସଜେଇ ଜଳ ଭିତରେ ରହିଥିଲେ ପାଞ୍ଚ ମିନିଟ୍ ଦୁଇ ସେକେଣ୍ଡ। ଏତେ ସମୟ ଧରି ନିଃଶ୍ୱାସ ରୋକି ରହିବା ମଧ୍ୟ ଏକ ଅନ୍ତର୍ଜାତୀୟ ରେକର୍ଡକୁ ଜନ୍ମ ଦେଇଛି। ଏଲିନା କହିଛନ୍ତି ସମୁଦ୍ରଠାରୁ ଶାନ୍ତସ୍ଥଳ ଏ ଦୁନିଆରେ ଆଉ କିଛି ନାହିଁ। ମାତ୍ର ଆମେ ସମୁଦ୍ରକୁ ଦିନକୁ ଦିନ ଅଶାନ୍ତ କରୁଛୁ। ଫଳରେ ସେ ପ୍ରଳୟଙ୍କରୀ ବନ୍ୟା, ବାତ୍ୟା, ସୁନାମି ସୃଷ୍ଟି କରୁଛି। ଏହାଦ୍ୱାରା ବିଶ୍ୱ ଜନଜୀବନ ବିପନ୍ନ ହେଉଛି।

ବ୍ୟାକ୍ ପେଜ୍







# ବେଲୁନ୍ କାରିଗରି



ଛୋଟ ପିଲାଙ୍କର ବେଲୁନ୍ ବହୁତ ପସନ୍ଦ ଥାଏ। ତା'ସହ ଖେଳିଲେ ସେମାନଙ୍କୁ ଖୁସି ମିଳିଥାଏ। ଏବେ ଏହି ବେଲୁନ୍‌କୁ ନେଇ ଜଣେ କଳାକାର ଏଭଳି ସବୁ ଜିନିଷ ତିଆରି କରିଛନ୍ତି, ଯାହା ଛୋଟ ପିଲାଙ୍କ ସହ ବଡ଼ମାନଙ୍କୁ ବି ବହୁତ ଭଲ ଲାଗୁଛି। ବେଲୁନ୍‌କୁ ମୋଡି ତାକୁ ସେ ବିଭିନ୍ନ ପଶୁପକ୍ଷୀ, କିଟପତଙ୍ଗ, ନାରୀ, ପୁରୁଷ ଓ କଣ୍ଢେଇ ଭଳି ରୂପ ଦେଇଥାଆନ୍ତି। ଆଉ ସେଗୁଡିକ ହୋଇଥାଆନ୍ତି ବେଶ୍ ଜୀବନ୍ତ। ଏହି କଳାକାର ଜଣକ ହେଉଛନ୍ତି ଜାପାନର ୨୫ ବର୍ଷୀୟ କେମିକାଲ୍ ଇଞ୍ଜିନିୟର୍ ମସାୟୋଶୀ ମାସୁମୋତୋ। ତାଙ୍କୁ ବେଲୁନ୍‌ରେ ଜୀବଜନ୍ତୁ କରିବା ପାଇଁ ୬ ଘଣ୍ଟା ସମୟ ଲାଗିଥାଏ। କାରଣ ଏହାକୁ ତିଆରି କରିବା ଆଦୌ ସହଜ ନୁହେଁ। ଏଥିପାଇଁ ସେ ଅଠା, ମାର୍କି ପେନ୍, ଷ୍ଟିକର୍, ଟେପ୍‌ର ବ୍ୟବହାର ବି କରି ନ ଥାଆନ୍ତି। ବରଂ ତାକୁ ବିଭିନ୍ନ ପ୍ରକାରରେ ମୋଡି ନିଖୁଣଭାବେ ତିଆରି କରନ୍ତି। ଆଖି, ଗୋଡ, ହାତ ସହ ଜୀବଜନ୍ତୁଙ୍କର ଲାଞ୍ଜ, କୀଟପତଙ୍ଗଙ୍କ ମୁଣ୍ଡରେ ଥିବା ଆଣ୍ଟିନାକୁ ବି ସେ ବେଶ୍ ସୁନ୍ଦର ଭାବେ ତିଆରି କରିଥାଆନ୍ତି। ଏବେ ମାସୁମୋତା ଏହି କଳାକୁ ଆହୁରି ଆଗକୁ ବଢାଇବାର ଲକ୍ଷ୍ୟ ରଖିଛନ୍ତି। ଆଉ ଅଧିକରୁ ଅଧିକ ବେଲୁନ୍ ସ୍ଥାପତ୍ୟ ତିଆରି କରୁଛନ୍ତି।

# ଡ୍ରାଗନ୍ ଲ୍ୟାମ୍ପ

ଗେମ୍ ଅଫ୍ ଥ୍ରୋନ୍‌ସ ଏକ କାଳ୍ପନିକ ଟେଲିଭିଜନ୍ ସିରିଜ୍। ଏହାର ଲୋକପ୍ରିୟତା ଏତେ ଯେ, ଏବେ ଏହି ସିରିଜ୍‌ରେ ଥିବା ଡ୍ରାଗନ୍‌କୁ ନେଇ ତିଆରି ହୋଇଛି ଏକ ଲ୍ୟାମ୍ପ। ଯାହା ଦେଖିବାକୁ ମୁଖରୁ ଅଗ୍ନି ଉଦ୍‌ଗିରଣ କଲା ଭଳି ଲାଗେ। ବୁଲଗେରିଆର କଳାକାର ତଥା ଅଟୋମେଶନ୍ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର୍ ଡାନିଏଲ ଏହାକୁ ତିଆରି କରିଛନ୍ତି। ୨୫ ସେ.ମି. ଉଚ୍ଚ ଓ ୨୫ ସେ.ମି. ଲମ୍ବ ବିଶିଷ୍ଟ ଏହି ଲ୍ୟାମ୍ପକୁ ୩ଡି ପଦ୍ଧତିରେ ନିର୍ମାଣ କରାଯାଇଛି। ଏହାକୁ ଡାନିଏଲ୍‌ଙ୍କ ଇଟ୍‌ସି ଷ୍ଟୋର୍‌ରୁ କିଣିହେବ। ଗେମ୍ ଅଫ୍ ଥ୍ରୋନ୍ସର ଫ୍ୟାନ୍‌ଙ୍କ ପାଇଁ ଏହା ନିଶ୍ଚିତଭାବେ ଭଲ ଉପହାର ଅଟେ। ଏହାକୁ ଜଳାଇଲେ ଡ୍ରାଗନ୍ ପାଟିରୁ ଲାଲ୍, ହଳଦିଆ, ଧଳା, ନୀଳ ରଙ୍ଗର ଅଗ୍ନି ନିର୍ଗତ ହେଉଥିବା ଭଳି ପ୍ରତ୍ୟୟ ହୁଏ। ଏହାବ୍ୟତୀତ ଗେମ୍ ଅଫ୍ ଥ୍ରୋନ୍ସ ଫ୍ୟାନ୍‌ଙ୍କ ପାଇଁ ଭଙ୍ଗା ଅଣ୍ଡା ଭିତରେ ଥ୍ରୀଡି ଡ୍ରାଗନ୍ ଛୁଆ ଥିବା ଶୋ'ପିସ୍ ତିଆରି କରାଯାଇଛି। ଏହା ବି ଏହି ସିରିଜ୍‌ର ଫ୍ୟାନ୍‌ଙ୍କ ପାଇଁ ଏକ ଭଲ କଲେକ୍ସନ ହେବ।



